## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



**ସିଂହପୁର, ୧୭ ।୨(ସମିସ):** ସିଂହପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ 'ପ୍ରଜ୍ଞା ପ୍ରଣାମ' ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ଖରସ୍ରୋତା ପୁସ୍ତକ ମେଳା କମିଟି ମୁଖ୍ୟ ଉପଦେଷ୍ଟା ସୁଶାନ୍ତ ନାୟକ ବିବରଣୀ ପାଠ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ଅନ୍ୟତମ ନିର୍ଦ୍ଦେଶକ ଶ୍ରୀମତୀ କାବ୍ୟା ପ୍ରିୟଦର୍ଶିନୀ ଧଳ ମୁଖ୍ୟଅତିଥି ରୂପେ ଯୋଗଦେଇ ପିତାମାତାଙ୍କ ଅବଦାନ କୌଣସି ଗୁଣରେ ଈଶ୍ୱରଙ୍କ ଆଶୀର୍ବାଦଠାରୁ କମ୍ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ଗୌରହରି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ଏକନିଷ୍ଠ ପଥପ୍ରଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ଶ୍ରୀମତୀ ପ୍ରୀତିପ୍ରତିଭା ଭୋଳ ଓ ଶିକ୍ଷାବିତ୍ ସୁଧୀର ଜେନା ଯୋଗଦେଇ ଅନୁଷ୍ଠାନର ପରିକଳ୍ପନା କିପରି ସମାଜରେ ପ୍ରୀତି ଓ ସମଭାବନା ଦ୍ୱାରା ଦ୍ୱେଷ ଓ ଈର୍ଷାକୁ ପରିହାର କରି ଏକତା ଓ ଆଦର ବାଣ୍ଟି ପାରନ୍ତି, ଏହାର ସର୍ବଶ୍ରେଷ୍ଠ ଉଦାହରଣ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚଠାରୁ ଏ ସମାଜ ବହୁତ୍ କିଛି ଶିଖିପାରିବ। ପ୍ରାଧ୍ୟାପକ ଉଦୟ ନାରାୟଣ ପରିଡ଼ା ଓ ଅନୁଷ୍ଠାନର ପ୍ରତିଷ୍ଠାତା ରବୀନ୍ଦ୍ର ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନ ପ୍ରତି ସମସ୍ତଙ୍କର ଭଲ ପାଇବା ସଦା ରଖିବାକୁ ଅନୁରୋଧ କରିଥିଲେ। ଖରସ୍ରୋତା ପୁସ୍ତକ ମେଳା କମିଟି ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏ ଅବସରରେ ଖରସ୍ରୋତା ପୁସ୍ତକ ମେଳା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ ଓଝାଙ୍କ ସମ୍ପାଦନାରେ ମୁଖପତ୍ର 'ପ୍ରଜ୍ଞା ପ୍ରଣାମ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ସତ୍‌ସଙ୍ଗ

**ବାଲିଚନ୍ଦ୍ରପୁର, ୧୭।୨(ସମିସ):** ବାଲିଚନ୍ଦ୍ରପୁର ଉପଯୋଜନା କେନ୍ଦ୍ର ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମୋତ୍ସବ ପାଳନ ସହିତ ଉପଯୋଜନା କେନ୍ଦ୍ରର ବାର୍ଷିକ ସତସଙ୍ଗ ଉତ୍ସବ ପତରାଜପୁର ପଞ୍ଚାୟତ ପଡ଼ିଆରେ ସହପ୍ରତିରତିକ ରବୀନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସହପ୍ରତିରତିକ ବିଭୂତି ଭୂଷଣ ପତି ଯୋଗଦେଇ ଠାକୁରଙ୍କ ଦିବ୍ୟ ଜୀବନ ସମ୍ପର୍କରେ ଆଲୋକପାତ ପୂର୍ବକ ମାନବ ସମାଜ ପାଇଁ ସତସଙ୍ଗ ଓ ସତନାମର ଏକାନ୍ତ ଜରୁରି ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସହପ୍ରତି ରତିକ ରତ୍ନାକର ପ୍ରଧାନ ଯୋଗଦେଇ ଠାକୁରଙ୍କ ଭାବଧାରା ଓ ମାର୍ଗଦର୍ଶନ ମଣିଷକୁ ଠିକଣା ପଥ ଦେଖାଇଥାଏ ବୋଲି କହିଥିଲେ। ଗୌତମ ରାଉତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଭାତ ମହାପାତ୍ର ସତ୍ୟାନୁସରଣ ପାଠ କରିଥିବାବେଳେ ନାରୀର ନୀତି ପାଠ କରିଥିଲେ ସୁନନ୍ଦା ଓଝା। ରାକେଶ ମହାରଣା ଓ ଜୟନ୍ତୀ ବସାକ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ନବଘନ ବାରିକ କୋରସ ଓ ଭାଗ୍ୟଧର ଭାଇ କୀର୍ତ୍ତନ କରିଥିଲେ। ସସ୍ମିତା ପ୍ରଧାନଙ୍କ ସଞ୍ଚାଳନରେ ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିବାବେଳେ ପ୍ରଭାତରେ ଉଷା କୀର୍ତ୍ତନ ଓ ପୂର୍ବାହ୍ନରେ ନଗର ପରିଭ୍ରମଣ ଅନୁଷ୍ଠିତ ହୋଇଥିଲା।

## ବିରିପଟା ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**କୟାଁଗୋଲା, ୧୭ ।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ଉଚ୍ଚବିଦ୍ୟାଳୟର ୧୯୭୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ବେହେରାଙ୍କ ସଭାପତିତ୍ୱ ଓ ପୁରାତନ ଛାତ୍ର ଅମୀୟ ଧଳଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଦୀନବନ୍ଧୁ ସାହୁ, ଶରତ ନାୟକ, ପରମେଶ୍ୱର ସାହୁ, ସନ୍ୟାସୀ ନାଥ, ସୁରେନ୍ଦ୍ର ରାଉତ, ଗଙ୍ଗାଧର ରାଉତ ପ୍ରମୁଖଙ୍କ ସହ ବର୍ତ୍ତମାନର ଶିକ୍ଷକ ସତ୍ୟରଞ୍ଜନ ନାୟକ, ଧୀରେନ୍ଦ୍ର ବିନ୍ଧାଣି, ବୈଜୟନ୍ତୀ ସାମଲ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଭଲ ପାଇବା ଓ କର୍ତ୍ତବ୍ୟନିଷ୍ଠ ଉପରେ ମତ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ସୁବାସ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ମାନସ ରାଉତ, ବିବେକ ବେହେରା, ସ୍ୱପ୍ନାରାଣୀ ରାୟ, ସୁବଳ ନାୟକ, ଘନଶ୍ୟାମ ରାୟ, ଲଳିତ ଧଳ, ନୀଳମଣି ଦାସ, ଗଦାଧର ନାୟକଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପୂର୍ବତନ ଶିକ୍ଷକ ଓ ବର୍ତ୍ତମାନର ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରମୋଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଳକା ଖାଦ୍ୟ ବଣ୍ଟନ

**ପାଣିକୋଇଲି, ୧୭ ।୨(ସମିସ):** ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇଙ୍କ ନୂତନ ଗୃହ ପ୍ରତିଷ୍ଠା ଉପଲକ୍ଷେ ହୋଇଥିବା ଭୋଜିରେ କିଛି ଖାଦ୍ୟ ବଳିଯାଇଥିଲା। ଶ୍ରୀ ଦଳାଇ ପାଣିକୋଇଲି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲ୍‌ପିଂ ଗ୍ରୁପକୁ ଜଣାଇଥିଲେ। ପରେ ଶ୍ରୀ ଦଳାଇଙ୍କ ପୁଅ ପ୍ରକାଶ ଦଳାଇ ଗ୍ରୁପର ଉପଦେଷ୍ଟା ସୁବାସ ଧଳ, ତାରିଣୀ ପଟ୍ଟନାୟକ, ସଭାପତି ଅଶୋକ ଦାସ, ପ୍ରଦୀପ ମାଝୀ, ହରେକୃଷ୍ଣ ସାହୁ, ବିନାୟକ ବେହେରା, ଅଜିତ ସାହୁ, ମେଘନାଦ ଜେନା ପ୍ରମୁଖ ଉକ୍ତ ଖାଦ୍ୟକୁ ଦାମୋଦରପୁର ଗ୍ରାମରେ ଥିବା ଆଦିବାସୀ ବସ୍ତିରେ ବାଣ୍ଟିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର ▶ ୪୦ଟି ଅଭିଯୋଗର ତତ୍କାଳ ଫଇସଲା

**କୋରେଇ, ୧୭ ।୨(ସମିସ)**




ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରିଥିଲେ। ବିଶେଷକରି ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପ୍ରଦାନ ପାଇଁ ଦାବି କରାଯାଇଥିଲା। ପୂର୍ବରୁ ଏ ସଂକ୍ରାନ୍ତରେ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଏ ନେଇ ଲୋକେ ନିଜର ଅସନ୍ତୋଷ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ଶିବିରରେ ୪୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

ଆଜି ଆୟୋଜିତ ଶିବିରରେ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ଟି ଅଭିଯୋଗ ଥିଲା। ଏଥିରୁ ୪୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ସପନ କୁମାର ନନ୍ଦ, ଭାରପ୍ରାପ୍ତ ଉପଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, କୋରେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଆଗାମୀ ଦିନରେ ସମସ୍ୟାଗୁଡିକ ସମାଧାନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପଞ୍ଚାୟତ ହିଙ୍ଗୁଳା କମିଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କବାଟବନ୍ଧ, ୧୭।୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଲ ପଞ୍ଚାୟତର ସାନପିଙ୍ଗଲ ପଞ୍ଚାୟତ ହିଙ୍ଗୁଳା କମିଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶକୁ ସ୍ୱଚ୍ଛ ରଖିବା ସହ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କମିଟିର ସଦସ୍ୟ ବିଭିନ୍ନ ସ୍ଥାନରେ ସଫେଇ କରିଛନ୍ତି। ସାନପିଙ୍ଗଲ ସ୍କୁଲ ପରିସର, ପଞ୍ଚାୟତ ଅଫିସ ପରିସର, ହିଙ୍ଗୁଳା ମନ୍ଦିର ପରିସରରେ ରହିଥିବା ଅଳିଆ ଆବର୍ଜନା ସଫା କରି ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ପ୍ରୟାସ କରିଛନ୍ତି। ସଭାପତି ରଘୁନାଥ ରାଉତ, ସମ୍ପାଦକ ପଦ୍ମନାଭ ବାରିକ, ସମିତିସଭ୍ୟା ନିରୂପମା ବେହେରା, ମାଗୁଣି ରାଉତ, ସୁକାନ୍ତ ବେହେରା, ଅବିନାଶ ରାଉତ, କାଠିଆ ସ୍ୱାଇଁଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଗାମୀ ଦିନରେ କମିଟି ପକ୍ଷରୁ ବୃକ୍ଷରୋପଣ, ନିଶା ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଦାନଗଦି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଚାଲିଛି ବ୍ୟାପକ ମୋରମ ଲୁଟ୍



**ଦାନଗଦି, ୧୭।୨(ସମିସ):** ଦାନଗଦି ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବ୍ୟାପକ ମୋରମ ଲୁଟ୍ ଚାଲିଛି। ଏହି ବେଆଇନ କାରବାରକୁ ରୋକିବା ପାଇଁ କାହାରି ଆନ୍ତରିକତା ନାହିଁ। ତହସିଲଦାର ଏ ସମ୍ପର୍କରେ ସବୁ ଜାଣୁଥିଲେ ମଧ୍ୟ ସେ ମୁହଁ ଖୋଲୁନାହାନ୍ତି। ତାଙ୍କ କହିବା ଅନୁଯାୟୀ ଚୋରା ଲଘୁ ଖଣିଜ କାରବାରକୁ ରୋକିବା ଦାୟିତ୍ୱ ଆମର ନୁହେଁ। ଏହି କାମ ଜିଲ୍ଲା ଲଘୁ ଖଣିଜ ବିଭାଗର। କିନ୍ତୁ ସେମାନେ ସବୁ କିଛି ଜାଣୁଥିଲେ ମଧ୍ୟ ମୁହଁ ଖୋଲିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଛନ୍ତି। ମୋଟାମୋଟି ଲଘୁ ଖଣିଜ ବିଭାଗ ଜ୍ଞାତସାରରେ ଏହି କାରବାର ଚାଲିଛି ବୋଲି ରାଜସ୍ୱ ବିଭାଗର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି।

ଯଦିଓ ଲଘୁ ଖଣିଜ ଚୋରା କାରବାରକୁ ରୋକିବା ପାଇଁ ଜିଲ୍ଲା ଓ ବ୍ଲକସ୍ତରୀୟ ସ୍କ୍ୱାର୍ଡ ଗଠନ କରିଛନ୍ତି, ତାହା କେବଳ କାଗଜ ପତ୍ରରେ ସୀମିତ ରହିଛି। ଏହି ଚୋରା କାରବାର ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଲଘୁ ଖଣିଜ ବିଭାଗ ସେଠାରେ ପହଞ୍ଚି ଖୋଲତାଡ଼ କରୁଛି। ଯଦି ଗଣମାଧ୍ୟମ ଏହି ଖୋଲତାଡ ଉପରେ ଲକ୍ଷ୍ୟ ରଖୁଛି, ତେବେ ଜରିମାନା ଆଦାୟ ହେଉଛି। ନଚେତ୍ ସବୁ କିଛି ନେଣଦେଣ ପରେ ଚପିଯାଉଛି। ଏ ଖବର କେତେକ ଗଣମାଧ୍ୟମରେ ଲଗାତର ପ୍ରକାଶ ପାଇବାରୁ ଘଟଣା ଚପିଯିବା ପରିବର୍ତ୍ତେ ସମ୍ପୃକ୍ତ ସଂସ୍ଥା ଉପରେ ପ୍ରାୟ ୩୮ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। କେବଳ ଭିସିଆଇ କାରଖାନା ନୁହେଁ, ଦାନଗଦି ବ୍ଲକ ଅନ୍ତର୍ଗତ ଦିଗମ୍ବରପୁର, ମାନିତିରା, ଅରାସାହି ଝାଟି ଜଙ୍ଗଲ, ପଙ୍କପାଳ କାଜୁ ଜଙ୍ଗଲ, ସୁକିନ୍ଦା ବ୍ଲକ ଅନ୍ତର୍ଗତ ନିମପଲ୍ଲୀ ଅଞ୍ଚଳରୁ ପ୍ରତ୍ୟେକ ଦିନ ବେଆଇନ ଭାବେ ଶହ ଶହ ହାଇୱା ବୋଝେଇ ମୋରମ ଧାମରା ଅଞ୍ଚଳକୁ ଚାଲାଣ ହେଉଛି। ସେହିପରି ବେଆଇନ ଭାବେ ଖୋଳା ଚାଲିଥିବା ଏହି ମୋରମ ଟାଟା ଷ୍ଟିଲ ୩ ନମ୍ବର ଗେଟ ସମ୍ମୁଖରେ ପଡୁଥିବା ଜଣାପଡ଼ିଛି। ତା'ଛଡ଼ା ଶହ ଶହ ଟ୍ରିପ ହାଇୱା ବୋଝେଇ ମୋରମ ଯଖପୁରା-ସୁକିନ୍ଦା ରେଳ ଲାଇନ ଦୋହରିକରଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। ରାତି ତମାମ ଏହି ଚୋରା ମୋରମ କାରବାର ଚାଲିଥିଲେ ମଧ୍ୟ ଯଖପୁରା ପୁଲିସ ଓ ଲଘୁ ଖଣିଜ ବିଭାଗ ସବୁ ଜାଣି କିଛି ନ ଜାଣିବା ଭଳି ଅଭିନୟ କରୁଛି।

## ଉତ୍ତମ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ⟫ ପଦନପଡ଼ାକୁ ହରାଇ ନୂଆଶାସନ ଚାମ୍ପିଅନ୍

**କୟାଁଗୋଲା/ମଙ୍ଗଳପୁର, ୧୭ ।୨(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ମେଳଣ ପଡ଼ିଆରେ ପାରେଶ୍ୱରନାଥ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଉତ୍ତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ପଦନପଡ଼ା କ୍ରିକେଟ ଟିମ ଓ ଯାଜପୁର ଜିଲ୍ଲାର ନୂଆଶାସନ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ପଦନପଡ଼ା କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୫୩ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ନୂଆଶାସନ କ୍ରିକେଟ ଟିମ ୮ ଓଭରରେ ୭ ୱିକେଟ ହରାଇ ୫୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅସିତ ମଲ୍ଲିକ ଓ ବିକାଶ ମଲ୍ଲିକ ଖେଳ ପରିଚାଳନା କରିଥିବାବେଳେ ସନ୍ତୋଷ ପଣ୍ଡା ଭାଷ୍ୟକାର ଥିଲେ। କିରଣ ସାମଲ ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟ୍ସମ୍ୟାନ, ମିହିର ମ୍ୟାନ ଅଫ ଦି ସିରିଜ, ଅମିନ ଖାନ ବେଷ୍ଟ ବୋଲର, ବିଶ୍ୱଜିତ ଦାଶ ବେଷ୍ଟ ଫିଲଡର ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ।




ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ କମାରଡ଼ିହି ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଭାଗୀରଥି ସାହୁ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ଯୁବ ଉପସଭାପତି ବିରଜା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଦେବବ୍ରତ ନାୟକ, ସାମ୍ବାଦିକ ଚନ୍ଦ୍ରଶେଖର ସାହୁ, କ୍ଲବ୍‌ର ସଭାପତି ଅଜିତ ମଲ୍ଲିକ, ସମ୍ପାଦକ ସୁଦାମ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୟୀ ନୂଆଶାସନ ଟିମକୁ ଟ୍ରଫି ସହ ନଗଦ ୧୦ ହଜାରେ ଟଙ୍କା ଓ ରନର୍ସଅପ୍ ପଦନପଡ଼ା କ୍ରିକେଟ ଟିମକୁ ଟ୍ରଫି ସହ ନଗଦ ୫ ହଜାରେ ଟଙ୍କା ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବ୍‌ର ଉପସଭାପତି ଅଧୀର ମଲ୍ଲିକ, ସଭ୍ୟ ସୋମନାଥ ନାୟକ, ସୁବ୍ରତ ମଲ୍ଲିକ, କଳ୍ପତରୁ ମଲ୍ଲିକ, ଅବିନାଶ ଜେନା, ଶୁଭମ ମଲ୍ଲିକ, ନିରଞ୍ଜନ ବାରିକ, ସୁବ୍ରତ ଜେନା, ଲକ୍ଷ୍ମଣ ସେଠୀ, ବିଜୟ ଦାସ, ପ୍ରମୋଦ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଡିଏସ୍‌ପିଙ୍କୁ ଜିଲ୍ଲା ପୁଲିସର ଶ୍ରଦ୍ଧାଞ୍ଜଳି



**ପାଣିକୋଇଲି, ୧୭ ।୨(ସମିସ):** ଯାଜପୁର ଜିଲ୍ଲା ପୁଲିସରେ କାର୍ଯ୍ୟରତ ଥିବା ଡିଏସପି (ଅପରାଧ ଶାଖା) ବଳରାମ ନାୟକଙ୍କ ଜଗତସିଂହପୁର ଜିଲ୍ଲାକୁ ବଦଳି ହୋଇଥିବାବେଳେ ତାଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ରବିବାର ଜିଲ୍ଲା ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସେ ଓ ତାଙ୍କର ସମ୍ପର୍କୀୟ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପାଣିକୋଇଲି ଥାନାରେ ମାମଲା ରୁଜୁ ହେବା ସହ ପୁଲିସ ମୃତ ଡିଏସପି ଓ ତାଙ୍କର ସମ୍ପର୍କୀୟଙ୍କ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ବିଳମ୍ବିତ ରାତିରେ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ଅଣାଯାଇଥିଲା। ପରେ ଏକ ଶୋକାକୁଳ ପରିବେଶରେ ଜିଲ୍ଲା ପୁଲିସ ପକ୍ଷରୁ ବଳରାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଏସ୍‌ପି ଅନିରୁଦ୍ଧ ସାମନ୍ତରାୟ, ପୁଷ୍ପଲତା ବାରିକ, ଡିଏସ୍‌ପି ଅନୀଲ ପ୍ରଧାନ, ମିନତୀ ବେହେରା, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପାତ୍ର, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯଖପୁର ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ସମେତ ସମସ୍ତ ଥାନାଧିକାରୀ, ହାବିଲଦାର ଓ କନେଷ୍ଟବଳ ସଂଘ ସଭାପତି ଦିଲ୍ଲୀପ ଦାସ, ଗୃହରକ୍ଷୀ ସଂଘ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ବଳରାମଙ୍କ ମୃତଦେହକୁ ତାଙ୍କ ଗ୍ରାମ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଗୋପପୁର ଗ୍ରାମକୁ ନିଆଯାଇଥିଲା।

## ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**କୁନ୍ଦଳ, ୧୭।୨(ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ବୁଢ଼ୀ ଜାଗୁଲାଇ ପୀଠରେ ବୁଢ଼ୀ ଜାଗୁଲାଇ ପୂଜା କମିଟି ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ସୀତାରାମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯଥା ରୀତିନୀତି ଅନୁଯାୟୀ ପୂଜାପାଠ ହୋଇଥିବାବେଳେ ପ୍ରଦୀପ୍ତ ମହାନ୍ତି କର୍ତ୍ତା ଥିଲେ। ଜିଲ୍ଲାସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବୟୋଜ୍ୟେଷ୍ଠ କଳାକାର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ସୁନାକର ସାମଲ, ଫକୀର ଚରଣ ରାଉତ ଓ ଘନଶ୍ୟାମ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନାମଯଜ୍ଞରେ ବାଲିପଡ଼ିଆ ଓ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।



## ନିରବଦ୍ରଷ୍ଟା ସାଜିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ | କଳିଙ୍ଗନଗରରେ ପ୍ରଦୂଷଣ ବଢ଼ାଉଛି ମୈଥାନ କଳା ପାଉଁଶ



**ଯଖପୁରା, ୧୭।୨(ସମିସ)**

କଳିଙ୍ଗନଗର ଶିଳ୍ପାଞ୍ଚଳ ସର୍ବଦା ପ୍ରଦୂଷଣ ପାଇଁ ଚର୍ଚ୍ଚାର ବିଷୟ ପାଲଟିଥାଏ। ଯେତେ ସଂଖ୍ୟାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇଛି ସେହି ତୁଳନାରେ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। କଳିଙ୍ଗନଗରରେ ବାସ କରୁଥିବା ବାସିନ୍ଦା ପ୍ରଦୂଷଣ ଯୋଗୁଁ ରୋଗରେ ଆକ୍ରାନ୍ତ ହୋଇ ବିକଳାଙ୍ଗ ହେବା ସହ ଜୀବନ ମଧ୍ୟ ହରାଉଛନ୍ତି। ପ୍ରଦୂଷଣର ମାତ୍ରା କମାଇବା ପରିବର୍ତ୍ତେ ଦିନକୁ ଦିନ ଏହା ଉଗ୍ରରୂପ ନେଉଛି। କେତେକ ଶିଳ୍ପାନୁଷ୍ଠାନର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଗ୍ରହ ନ ଥିବା ଓ ପ୍ରଭାବଶାଳୀ ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ ପ୍ରଦୂଷଣର ମାତ୍ରା ବଢ଼ିଯାଉଥିବା ଜଣାଯାଏ। ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମୈଥାନ କାରଖାନାରେ। ପ୍ଲାଣ୍ଟର କଳା ପାଉଁଶ ପରିବହନ ସମୟରେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଏହା ଉଡ଼ି ବାୟୁରେ ମିଶୁଛି। ଫଳରେ ବାୟୁ ପ୍ରଦୂଷିତ ହେଉଛି।

ମୈଥାନ କାରଖାନାରୁ କଳା ପାଉଁଶ ଶହ ଶହ ଗାଡ଼ିର ପରିବହନ ହେଉଥିବାରୁ ଆଖପାଖ ଅଞ୍ଚଳରେ ପ୍ରଦୂଷଣ ବଢ଼ିଯାଇଛି। ବିନା ପାଣି ଛିଞ୍ଚି ଶୃଙ୍ଖଳା ପାଉଁଶ ନେବା ଯୋଗୁଁ ସ୍ଥାନୀୟ ବାସିନ୍ଦା ପ୍ରଦୂଷଣର ଶିକାର ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସ୍ୱାର୍ଥ ପାଇଁ ସାଧାରଣ ଲୋକ ପ୍ରଦୂଷଣର ଶିକାର ହୋଇଛନ୍ତି। ମୈଥାନ କାରଖାନା କଳା ପାଉଁଶକୁ ବିଏସ ପାୱାର ନିଜ ବେପାର ପାଇଁ ଉଠାଇ ଲାଭବାନ ହେଉଥିବାବେଳେ ସାଧାରଣ ଜନଜୀବନ ପ୍ରଦୂଷଣରେ କଳବଲ ହେଉଛନ୍ତି। ପୂର୍ବରୁ ଏହି କଳା ପାଉଁଶ ବୁହାଯାଉଥିଲା। ମାତ୍ର ଏହି କିଛିଦିନ ହେବ ଶହ ଶହ ଗାଡିରେ ବୁହା ଚାଲିଛି। ଏତେ ସଂଖ୍ୟାରେ କଳା ପାଉଁଶ ବୁହା ହେଉଥିବାରୁ ପଥଚାରୀ ଏହାର ଶିକାର ହେଉଛନ୍ତି। ଓଜନ ହିସାବରେ ଭଡ଼ା ଦିଆଯାଉଥିବାରୁ ଗାଡ଼ିଗୁଡ଼ିକ ସବୁ ଓଭରଲୋଡ କରି ନେଉଥିବା ଦେଖିବାକୁ ମିଳେ। ଫଳରେ ବିନା ପାଲ ଘୋଡ଼ାଇ କଳା ପାଉଁଶ ପରିବହନ ହେଉଥିବାରୁ ଏହା ରାସ୍ତାରେ ପଡୁଛି ଓ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳା ପାଉଁଶ କୋଇଲାରେ ସହଜରେ ମିଶିଯାଉଥିବାରୁ ବାହାରେ ଏହାର ଚାହିଦା ରହିଛି। ମୈଥାନରୁ କଳା ପାଉଁଶ ଯାଇ ପାଖରେ ଥିବା କାରଖାନାରେ କୋଇଲାରେ ମିଶ୍ରଣ କରାଯାଇ ବ୍ୟବହାରକୁ କରାଯାଏ। ଏବେ ଏହି ପାଉଁଶ ରାସ୍ତା କାମରେ ଲାଗୁଛି। କଳା ପାଉଁଶ ବେପାର ପାରାଦୀପଠାରୁ ଆରମ୍ଭ କରି ଚଣ୍ଡିଖୋଲ, ବାଲେଶ୍ୱର, ଚୌଦ୍ୱାର, ମଙ୍ଗୁଳି ପର୍ଯ୍ୟନ୍ତ ହେଉଛି। ଏହି କଳା ପାଉଁଶକୁ ଅତି ଅଳ୍ପ ଦାମରେ କିଣି କୋଇଲାରେ ମିଶାଯାଇ କୋଇଲା ଯେପରି ଉଚ୍ଚା ଦାମରେ ବିକ୍ରି କରାଯାଉଛି। ଏହାଦ୍ୱାରା ଠିକାଦାର ଲାଭବାନ ହେଉଥିବାବେଳେ ବାୟୁ ପ୍ରଦୂଷିତ ହେଉଛି। ସାଧାରଣ ଜନଜୀବନ ଉପରେ ଏହାର ପ୍ରଭାବ ପଡୁଛି। ମୈଥାନ କାରଖାନାରୁ ବିଏସ ପାୱାର ମାଧ୍ୟମରେ ବୋହି ନେଉଥିବା କଳା ପାଉଁଶକୁ ରୋକ ଲଗାଇବା ପାଇଁ ପ୍ରଦୂଷଣ ବୋର୍ଡକୁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି। ଯଦି ପ୍ରଦୂଷଣ ବୋର୍ଡ ଏହାକୁ ଅନୁମତି ଦିଏ, ତେବେ ପ୍ରଦୂଷଣ ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



## ସୁକିନ୍ଦାରେ ଏବେ ଖାଦ୍ୟ ପାଇଁ ଡହକବିକଳ ଜନଜାତି ସମ୍ପ୍ରଦାୟ

# ଆଧାର କାର୍ଡ ନ ଥିବାରୁ ସବୁ ଅଧିକାରରୁ ବଞ୍ଚିତ

ଯାଜପୁର, ୧୭ ।୨(ସମିସ)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ କାହିଁ କେତେ ଯୋଜନା ରହିଛି। ଆଦିବାସୀଙ୍କଠାରୁ ଆରମ୍ଭ କରି ଜନଜାତି ସମ୍ପ୍ରଦାୟଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ଏହି ଜନଜାତି ସମ୍ପ୍ରଦାୟଙ୍କ ସଂଖ୍ୟା କମି କମି ଆସୁଥିବାରୁ ସେମାନଙ୍କ ସାମାଜିକ ନିରାପତ୍ତା ପାଇଁ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା କଥା। କିନ୍ତୁ ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପରିସ୍ଥିତି ଏପରି ହୋଇଛି ଯେ ଏହି ଜନଜାତି ସମ୍ପ୍ରଦାୟର ଲୋକେ ଦିନକୁ ଦି'ମୁଠା ଖାଇବାକୁ ପାଉନାହାନ୍ତି। ଖାଇବା ପାଇଁ ଡହକବିକଳ ହେଉଛନ୍ତି। ସବୁ ସରକାରୀ ସୁବିଧା ସୁଯୋଗରୁ ଏମାନେ ବଞ୍ଚିତ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଗରିବ ଶ୍ରେଣୀର ଲୋକଙ୍କ ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ରାସନ କାର୍ଡରେ ଚାଉଳ ଯୋଗାଇ ଦିଆଯାଉଛି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ ଭଳି ନିମ୍ନ ଶ୍ରେଣୀର ଲୋକଙ୍କୁ ଏହି ଆଇନରେ ପ୍ରାଧାନ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ଚିଙ୍ଗୁଡ଼ିପାଳ, କଅଁସ ଓ ଗାଁସୋଳ ଏବଂ ଦାନଗଦି ବ୍ଲକ କିଆଝର ପଞ୍ଚାୟତର ଆମ୍ବବେଡା ଗାଁରେ ଏହି ବିରଳ ଜନଜାତି ବସବାସ କରୁଛନ୍ତି। ମାତ୍ର ଏହି ଗରିବ ଓ ବିଶେଷ ଶ୍ରେଣୀ ଜନଜାତି ଲୋକେ ରାସନକାର୍ଡ ଚାଉଳରୁ ବଞ୍ଚିତ ହେଉଛନ୍ତି। ଫଳରେ ଦିନମଜୁରିଆ ଭାବେ ନଚେତ ଭିକ୍ଷାବୃତ୍ତି କରି ଆଣୁଥିବା ଅର୍ଥରେ ଚାଉଳ କିଣି ଖାଉଥିବା ଦେଖିବାକୁ ମିଳିଛି। କେବେ ଟଙ୍କା ଅଭାବରେ ଚାଉଳ କିଣି ନ ପାରି ଭୋକ ଉପାସରେ ରହୁଥିବା ଦେଖିବାକୁ ମିଳିଛି। ଏହି ଘଟଣାଟି ଦେଖିବାକୁ ମିଳିଛି ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତ ଆମ୍ବବେଡା ଗ୍ରାମରେ। ଏଠାରେ ବସବାସ କରୁଥିବା ଜନଜାତି ଲୋକେ ଖାଦ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ପାଖରେ ସରକାରଙ୍କ ଖାଦ୍ୟ ଅଧିକାର ଆଇନରେ ରାସନ କାର୍ଡ ଚାଉଳ ଅପହଞ୍ଚ ହୋଇପଡ଼ିଛି।

ବିଶେଷକରି ସେମାନଙ୍କ ପାଖରେ ଆଧାର କାର୍ଡ ନ ଥିବାରୁ ସରକାରୀ ଚାଉଳରୁ ବଞ୍ଚିତ ହେଉଛନ୍ତି। ସେମାନେ ପିଭିଟିଜି ଶ୍ରେଣୀର ଅର୍ଥାତ ସେମାନଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଥିବାର ସରକାର ଏମାନଙ୍କୁ ବିଶେଷ ଓ ସ୍ୱତନ୍ତ୍ର ଶ୍ରେଣୀରେ ସାମିଲ କରିଛନ୍ତି। ସେମାନଙ୍କ ମଙ୍ଗଳ ଓ ବିକାଶ ପାଇଁ ସରକାର ୨୦୨୩ରେ ୧୫ ହଜାର କୋଟି ଟଙ୍କାର ଅର୍ଥ ବିନିଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ପରେ ସରକାର ଓ ପ୍ରଶାସନିକ ଅଣଦେଖା, ଇଚ୍ଛାଶକ୍ତିର ଅଭାବରୁ ସେମାନଙ୍କୁ ମିଳିପାରୁନି ସରକାରଙ୍କ ସୁବିଧା ସୁଯୋଗ। ଏପରକି ସେମାନଙ୍କ ପାଖରେ ଆଧାର କାର୍ଡ ନ ଥିବାରୁ ସେମାନଙ୍କ ପିଲା ବିଦ୍ୟାଳୟରେ ନାମ ଲେଖାଇ ପାରୁ ନ ଥିବା ଶିଶୁ ସୁରକ୍ଷା ଅଧିକାରୀ ମଣ୍ଟୁ ଦାସ ଅଭିଯୋଗ କରିଛନ୍ତି। ସପ୍ତାହ ପୂର୍ବରୁ ଆଧାର କାର୍ଡ ନ ଥିବାରୁ ଏହି ଶ୍ରେଣୀର ପିଲାଙ୍କୁ ବିଦ୍ୟାଳୟରୁ ବାହାର କରିଦିଆଯାଇଥିଲା। ଦୁଃଖର କଥା ପ୍ରଶାସନ ଏମାନଙ୍କ ପାଖରେ ପହଞ୍ଚିବା ତ ଦୂରର କଥା, ସେମାନଙ୍କୁ ଯାଯାବର କହି ଅଣଦେଖା କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

ଗତ କିଛିଦିନ ଧରି ଏହି ଅଞ୍ଚଳର ମାନ୍ଦ୍ରା ଦେଉରୀ, ପ୍ରକାଶ ଦେଉରୀ ଓ ଜାମୁଦା ଦେଉରୀଙ୍କ ଭଳି ଏକାଧିକ ପରିବାର ଭୋକ ଉପାସରେ ଦିନ କାଟୁଥିବା ଖବର ପାଇ ମଣ୍ଟୁ ସେମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରିଛନ୍ତି। ଏଭଳି ଶ୍ରେଣୀର ଜନଜାତିର ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ଖାଦ୍ୟ ଅଧିକାର, ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସ୍ୱତନ୍ତ୍ର ଜନଜାତି କଲ୍ୟାଣ ଅଧିକାରୀ ସୁନାରାମ ପୂର୍ତ୍ତିଙ୍କୁ ପଚାରିବାରୁ ମୁଁ ସୁକିନ୍ଦା ବ୍ଲକରେ ଥିବା ଜନଜାତିଙ୍କ ସମସ୍ୟା ଦେଖୁଛି। ସେଠାରେ ସବୁ କିଛି ଠିକ୍‌ଠାକ ରହିଛି ଓ ଦାନଗଦି ବ୍ଲକ ମୋ ଅଧୀନରେ ନୁହେଁ ବୋଲି କହିଥିଲେ। ଏ ନେଇ ଆମେ ଦାନଗଦି ବିଡିଓଙ୍କୁ ପଚାରିବାରୁ ଜନଜାତି ସମ୍ପ୍ରଦାୟ ବିଷୟରେ ସେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ଭଳି ଉତ୍ତର ଦେବା ସହିତ ଆଧାର କାର୍ଡ ପ୍ରସ୍ତୁତ ନ କଲେ କୌଣସି ସୁବିଧା ସୁଯୋଗ ମିଳିବନାହିଁ ବୋଲି କହିଥିଲେ। ପ୍ରତିବର୍ଷ ଏହି ଜନଜାତିଙ୍କ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ କାହିଁ କେତେ ଯୋଜନା ପ୍ରସ୍ତୁତ କରାଯାଉଛି ଓ ଏହି ସୁକିନ୍ଦା ଅଞ୍ଚଳରେ ନାଚ ଗୀତ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ବିଲୁପ୍ତ ହେବାକୁ ଯାଉଥିବା ଜନଜାତିଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରା ନ ଯାଇପାରିବା ଦୁର୍ଭାଗ୍ୟଜନକ।

## ବାଲିଆ କଲେଜ ଛାତ୍ରୀ ଅସଦାଚରଣ ଘଟଣାରେ ଅଧକ୍ଷ ଓ ଅଧ୍ୟାପକ ଏବେବି ଫେରାର

# ପ୍ରତିବାଦରେ ଥାନା ଘେରିଲା ବିଜେଡି



ବରୀ, ୧୭।୨(ସମିସ): ବରୀ ବ୍ଲକ ଅନ୍ତର୍ଗତ ବାଲିଆଠାରେ ଥିବା ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତ ଅଧକ୍ଷ ଓ ଅଧ୍ୟାପକ ଏବେବି ଫେରାର ଅଛନ୍ତି। ବରୀ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ବରୀ ବିଜେଡି ଅଭିଯୋଗ କରିଛି। ଏନେଇ ସମ୍ପୃକ୍ତ ଅଧକ୍ଷ ଓ ଅଧ୍ୟାପକଙ୍କୁ ଗିରଫ ଦାବିରେ ପୁଣି ଥାନା ଘେରାଉ କରିଛି ବରୀ ବିଜୁ ଜନତା ଦଳ।

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବରୀ ଥାନା ଘେରାଉ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି କେଦାର ଚନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲ୍ଲୀପ ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଘେରଉ ଖବର ପାଇ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ ବରୀ ଥାନାରେ ପହଞ୍ଚି ଦୀର୍ଘ ସମୟ ଆଲୋଚନା କରି ଆମେ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବୁ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ପୁଲିସ ଅଭିଯୁକ୍ତ ଅଧ୍ୟାପକଙ୍କ ଭଣଜା, ଅଭିଯୁକ୍ତ ଅଧକ୍ଷଙ୍କ ପୁତୁରାଙ୍କ ସହିତ କଲେଜର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ସୁକିନ୍ଦା, ୧୭।୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ବଞ୍ଚା ଗ୍ରାମରେ ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସ୍ଥାନୀୟ ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ବଞ୍ଚା ଗ୍ରାମର ସୁରେନ୍ଦ୍ର ରାଉତଙ୍କ ପତ୍ନୀ ମାନସୀ ରାଉତ ରାତିରେ ଶୋଇଥିଲେ। ସୋମବାର ସକାଳୁ ଉଠି ନ ଥିଲେ। ପରିବାର ଲୋକେ ମାନସୀଙ୍କୁ ତୁରନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମାନସୀଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ସୁକିନ୍ଦା ପୁଲିସ ପହଞ୍ଚି ମୃତଦେହ ଜବତ କରି ୯/୨୦୨୫ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ବାଲିଆପାଳ ଗ୍ରାମରେ ଅଗ୍ନିକାଣ୍ଡ

**ଦାନଗଦି, ୧୭ ।୨(ସମିସ):** ଦାନଗଦି ତହସିଲ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଲିଆପାଳ ଗ୍ରାମରେ ସୋମବାର ସକାଳେ ଗଣେଶ ଗାଗରାଇଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଦାନଗଦି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିସାରିଥିଲା। ଏହି ପୋଡ଼ିରେ ବହୁ ଆସବାବପତ୍ର ଓ ଘରୋଇ ସାମଗ୍ରୀ ନଷ୍ଟ ହୋଇଛି। ଶାଳିଜଙ୍ଘା ରାଜସ୍ୱ ନିରୀକ୍ଷକ ପହଞ୍ଚି ତଦନ୍ତ କରିଛନ୍ତି। ଦାନଗଦି ତହସିଲ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ସାମ୍ବାଦିକ ସମ୍ମିଳନୀରେ ବର୍ଷିଲେ ପୂର୍ବତନ ବିଧାୟକ

# 'ଧର୍ମଶାଳା ବିକାଶରେ ପଛୁଆ, ଅପରାଧରେ ଆଗୁଆ'



ଧର୍ମଶାଳା, ୧୭ ।୨(ସମିସ): ଧର୍ମଶାଳା ଓ ରସୁଲପୁର ବ୍ଲକରେ ବିଡିଓ ଶୁଣୁନାହାନ୍ତି ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ କଥା। ସେହିପରି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଗତ ବର୍ଷେ ହେଲା ଧର୍ମଶାଳା ଓ ରସୁଲପୁର ବ୍ଲକରେ ପଞ୍ଚାୟତ ସମିତି ବୈଠକ ବସିନି। ଉନ୍ନୟନ କ୍ଷେତ୍ରରେ ସାରା ରାଜ୍ୟରେ ଧର୍ମଶାଳା ବ୍ଲକ ସର୍ବଶେଷରେ ରହିଛି। ଏଭଳି ଅଭିଯୋଗ ଆଣିଛନ୍ତି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ। ଧର୍ମଶାଳା ବ୍ଲକ ଜାରକାସ୍ଥ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସୂଚନା ଦେଇଛନ୍ତି।

ଗତ ଅଗଷ୍ଟ ମାସରେ ପଞ୍ଚାୟତ ପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ବ୍ଲକରେ ଥିବା ଅଧକ୍ଷଙ୍କ ବିନା ଦସ୍ତଖତରେ ବିଲ୍ ଉଠାଇ ନିଆଯାଉଛି। ସେହିପରି ବିଗତ ବର୍ଷରେ ବିଜେଡି ସରକାର ଅମଳରେ ଅଟକଳ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାମ ବନ୍ଦ ହୋଇରହିଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଧର୍ମଶାଳା ଜାରକା ଯାଜପୁର-୨ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ବିଶେଷକରି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇ ପଡ଼ିଥିବା ନେଇ ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ଆଇନଶୃଙ୍ଖଳା ଦୃଷ୍ଟିରୁ ମଧ୍ୟ ଧର୍ମଶାଳାରେ ବିପଦଜନକ ସ୍ଥିତି ଦେଖିବାକୁ ମିଳିଛି। ପ୍ରତିଦିନ ଗୁଣ୍ଡାଗର୍ଦ୍ଦି, ଆକ୍ରମଣ, ଲୁଟ୍, ଦାଦାବଟି ଭଳି ଘଟଣା ଦେଖିବାକୁ ମିଳୁଥିବା ପ୍ରଣବ ଅଭିଯୋଗ କରିଛନ୍ତି। ଯେଉଁ ଧର୍ମଶାଳା ନିର୍ବାଚନମଣ୍ଡଳୀ ଏକଦା ବିକାଶ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ବାଟ ଦେଖାଉଥିଲା, ସେହି ଧର୍ମଶାଳାରେ ବିକାଶ ଆଜି ଠପ ହୋଇଯାଇଛି। ତେଣୁ ଏଭଳି ଏକ ପରିସ୍ଥିତି ସମ୍ପର୍କରେ ଜନସାଧାରଣ ଜାଣିବାର ଆବଶ୍ୟକତା ଥିବାରୁ ଏଭଳି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି ବୋଲି ପ୍ରଣବ କହିଥିଲେ। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି ଓ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

# ପାୱାର କ୍ଲବ୍‌କୁ ହରାଇ କିଟ୍ ଚାମ୍ପିଅନ୍



**କୁନ୍ଦଳ, ୧୭ ।୨(ସମିସ):** ଆଞ୍ଚଳିକ ଭଲିବଲ ଫେଡ଼େରେସନ ପକ୍ଷରୁ ଚାରିନଙ୍ଗଳଠାରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ, ପାୱାର କ୍ଲବ୍ ଜନକ ଓ ଏପି ସିକ୍ସର ବାଲେଶ୍ୱର ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଟିମ୍ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ କିଟ୍ ବିଶ୍ୱବିଦ୍ୟାଳୟ ଓ ପାୱାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ ୩-୦ରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାବିତ୍ ପ୍ରାଧାପକ ବିଜୟ ସାମଲ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ଚାରିନଙ୍ଗଳ ସରପଞ୍ଚ ନୁରୁଜାହାନ ବେଗମ୍, ସମିତି ସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସମିତିସଭ୍ୟ ଧର୍ମଜିତ ବଳ, ୱାର୍ଡ ସଭ୍ୟା ୟାସ୍ମିନ୍ ବେଗମ, ଆଡଭୋକେଟ ମନ୍ମଥ କେଶରୀ ସାହେବରାୟ, ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ କମିଟିର କର୍ମକର୍ତ୍ତା ଅଜୟ ସାମଲ, ସେକ୍ ଅବଦୁଲ ଗନି, ମୋଇନ ଅହେମ୍ମଦ, ବିଜୟ ସାମଲ, ସେକ୍ ରିଆସତ ଅଲ୍ଲୀ, ଆଇନଜୀବୀ ପ୍ରତାପ ନାୟକ, ରଞ୍ଜିତ ସାମଲ, ରଶ୍ମିରଞ୍ଜନ ବଳ, ବିଶ୍ୱପ୍ରକାଶ ସାମଲ, ରଞ୍ଜିତ ସାମଲ, ପ୍ରିୟଦର୍ଶୀ ପରିଡ଼ା ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଉମେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚାରିନଙ୍ଗଳ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ଖେଳ ଶିକ୍ଷକ ପଞ୍ଚାନନ ବଳ ଓ ନାରାୟଣ ବାରିକ ଖେଳ ପରିଚାଳନା କରିଥିଲେ। ସେକ୍ ସାନାୱାଜ ଆଲାମ୍, ନିୟାଜୁଦ୍ଦିନ୍ ଖାଁ, ସେକ୍ ଇକ୍‌ବାଲ ହୁସେନ୍ ଶନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ନୂଆଡ଼ିହା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ସୁକିନ୍ଦା, ୧୭।୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତ ଅନ୍ତର୍ଗତ ନୂଆଡିହ ଗ୍ରାମରେ ଅଷ୍ଟପ୍ରହର ନମାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ହରି ନାମରେ ଗାଁ ପ୍ରକମ୍ପିତ ହୋଇଥିଲା। ଆଜି ପ୍ରାତଃରେ ପ୍ରଭାତୀ କାର୍ଯ୍ୟ ସାରି ଅପରାହ୍ନରେ ବୈଠକ କରିଥିଲେ। ନାମ ସଂକୀର୍ତ୍ତନ ଓ ଜଣାଣ ପରେ କୀର୍ତ୍ତନ ମଣ୍ଡଳୀ ନଗର ପରିଭ୍ରମଣ କରିଥିଲେ। ଗ୍ରାମରେ ବହୁ ପରିବାର ପ୍ରଭୁ ନିତାଇ, ଗୌରଙ୍କୁ ନିଜ ଘରକୁ ପାଛୋଟି ନେଇଥିଲେ। ଆଖପାଖ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀରୁ ଶତାଧିକ ସଂକୀର୍ତ୍ତନପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗ୍ରାମର ସଭାପତି ଭୋଳାନାଥ ନାୟକ ଓ ଅନ୍ୟ ମୁରବୀମାନେ ଦାୟିତ୍ୱ ନେଇ ନାମଯଜ୍ଞ ସମାପନ କରିଥିଲେ।

## ଜିଲ୍ଲା ଟ୍ୟାକ୍ସ ସଂଘ ପକ୍ଷରୁ ଦିନିକିଆ କର୍ମଶାଳା



**ବ୍ୟାସନଗର, ୧୭ ।୨(ସମିସ):** ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ପକ୍ଷରୁ ଏକଦିବସୀୟ ଟ୍ୟାକ୍ସ କର୍ମଶାଳା ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଟ୍ୟାକ୍ସ ପ୍ରାକଟିସନର ପୂର୍ବାଞ୍ଚଳ ଶାଖା, ଅଖିଳ ଓଡ଼ିଶା ଟ୍ୟାକ୍ସ ଓକିଲ ସଂଘ ଓ ଯାଜପୁର ଜିଲ୍ଲା ଟ୍ୟାକ୍ସ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କର୍ମଶାଳାକୁ ଓଡ଼ିଆ ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ମୁରାରୀ ଶ୍ରୀ ରମଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରଚଳିତ ବିଭିନ୍ନ ଟ୍ୟାକ୍ସ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ମହାଭାଗ ଜଷ୍ଟିସ ରମଣ ସୂଚନା ଦେବା ପରେ କର୍ମଶାଳା ଗତିଶୀଳ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦ, ଯାଜପୁରରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜ ହୃଷିକେଶ ଆଚାର୍ଯ୍ୟଙ୍କ ସମେତ ରାଜ୍ୟ ଆଇନଜୀବୀ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଭୂପ୍ରସାଦ ତ୍ରିପାଠୀ, ଅଖିଳ ଭାରତୀୟ ଟ୍ୟାକ୍ସ ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ରାଜ୍ୟ ଉଚ୍ଚନ୍ୟାୟାଳୟ ବାର୍ ଆସୋସିଏସନ୍ ସଭାପତି ବିଜୟ ଦାଶ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଏହି କର୍ମଶାଳାର ପ୍ରଥମ ଯାନ୍ତ୍ରିକ ବିଭାଗରେ ନୂତନ ଜିଏସଟି ଆଇନ ଓ ଏହାର ସରଳୀକରଣ ଉପରେ ଆଲୋଚନା ହୋଇଥିଲା। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରମେଶ ଜେନା, ଚିତ୍ତରଞ୍ଜନ ଦାସ ଓ ମୁଖ୍ୟବକ୍ତା ଭାବେ ଏଫସିଏ କୋଲକାତାର ପ୍ରଦୀପ ମୋଦୀ ଯୋଗ ଦେଇ ଏହି ବିଷୟରେ ନିଜ ମତବ୍ୟକ୍ତ କରିବା ସହ ଉପସ୍ଥିତ ଆଇନଜୀବୀଙ୍କ ସମସ୍ୟା ଦୂର କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରୀୟ ବଜେଟ ଓ ନୂତନ ଆୟକର ବିଲ ଉପରେ ଅନୁଷ୍ଠିତ ସେସନରେ ରାଜ୍ୟ ସରକାରଙ୍କ ସମବାୟ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ନଟବର ପଣ୍ଡା ଓ ଏଫସିଏର ଆୟୁଷ ଗୋଏଲ ଯୋଗଦେଇ ଏହାର ସରଳୀକରଣ ଉପରେ ଆଲୋଚନା କରିଥିଲେ। ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ, ରାଜ୍ୟ ବାର୍ କାଉନସିଲର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇଥିଲେ। ଏହି କର୍ମଶାଳା ଆୟୋଜନରେ ଟ୍ୟାକ୍ସ ସଂଘର ଜାତୀୟ ଉପାଧ୍ୟକ୍ଷ ବିବେକ ଅଗ୍ରୱାଲ, ପୂର୍ବାଞ୍ଚଳ ଅଧ୍ୟକ୍ଷ ଶାନ୍ତନୁ ଚୌଧୁରୀ, ଯାଜପୁର ଅଧ୍ୟକ୍ଷ ତଥା କର୍ମଶାଳା ଆୟୋଜକ କମିଟି ଅଧ୍ୟକ୍ଷ ବିବେକାନନ୍ଦ ମହାନ୍ତି, କର୍ମଶାଳାର ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ଧନେଶ୍ୱର ବାରିକ, ଅଶୋକ ଶର୍ମା ଓ ଯାଜପୁରରୋଡ୍ ଓ ରାଜ୍ୟର ବିଭିନ୍ନ ଜିଲ୍ଲା ବାର୍ ଆସୋସିଏସନର ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଯାପିତ




**ଯାଜପୁର, ୧୭।୨(ସମିସ):** ଯାଜପୁର ସହରସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଚାଲିଥିବା ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ କ୍ୟାମ୍ପୋରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ କୃତ୍ତିବାସ ବାରିକଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରତ ସ୍କାଉଟ୍ ଓ ଗାଇଡର ଜାତୀୟ ଉପସଭାପତି ଡକ୍ଟର କାଳୀପ୍ରସାଦ ମିଶ୍ର ଯୋଗଦେଇ ଯାଜପୁର ଜିଲ୍ଲା ଭାରତ ସ୍କାଉଟ ଗାଇଡର ଶୃଙ୍ଖଳିତ କାର୍ଯ୍ୟଶୈଳୀ ପାଇଁ ରାଜ୍ୟରେ ଏକ ନମ୍ବର ହୋଇପାରିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଭାରତ ସ୍କାଉଟ ଗାଇଡର ରାଜ୍ୟ ପରିଚାଳନା କମିଶନର ଅନାମିକା ଦାସ ଯୋଗଦେଇ ସ୍କିଲ୍ ଡେଭେଲପମେଣ୍ଟ ବିଷୟସହ ଇଣ୍ଟରନେଟ କିପରି ସାରା ବିଶ୍ୱରେ ସ୍କାଉଟ ଗାଇଡର ଦକ୍ଷତାକୁ ପ୍ରତିପାଦନ କରିପାରିଛି, ତାହା କହିଥିଲେ। ଜିଲ୍ଲା ମୁଖ୍ୟ କମିଶନର ବିଶ୍ୱମ୍ବର ମିଶ୍ର, ରବିପ୍ରସାଦ ସାମଲ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ପ୍ରଶଂସା କରିଥିଲେ। ଜିଲ୍ଲା ସମ୍ପାଦକ ଶମ୍ଭୁନାଥ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସକାଳ ୭ଟାରେ ସର୍ବଧର୍ମ ସଭାରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ କୁଳମଣି ନାୟକ ଯୋଗଦେଇ ସେବା ଓ ଶୃଙ୍ଖଳା ଉପରେ ଉପଦେଶ ଦେଇଥିଲେ। ସକାଳ ୯ଟା ସମୟରେ ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ଯାଜପୁର ସହରରେ ଶାନ୍ତି ପରିକ୍ରମା କରିଥିଲେ। ଶିବିରାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସ୍କୁଲର ବରିଷ୍ଠ ଶିକ୍ଷକ ଜହିରୁଦ୍ଦିନ୍ ଖାଁ, ଶଙ୍କର୍ଷଣ ବେହେରା, ମମତା ସେଠୀ, ରାଜେଶ ସେଠୀ, ବିନୋଦ ଦଳାଇ, ଅରୁଣ ଜେନା, ରତିକାନ୍ତ ନାୟକ, ସେକ୍ ମାଜିଦ ବକ୍ସର, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ, ତପସ୍ୱିନୀ ଦାଶ, ଭକ୍ତହରି ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ମାନସ ଧଳ ଓ ମାୟାଧର ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ପ୍ରିମିୟର ଲିଗ୍ କ୍ରିକେଟ୍

**ଯାଜପୁର, ୧୭।୨(ସମିସ):** ଯାଜପୁର ବ୍ଲକଠାରେ ରକ୍ ଫ୍ୟାମିଲି ପକ୍ଷରୁ ଯାଜପୁର ପ୍ରିମିୟର ଲିଗ୍ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳକୁ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରେ ୮ଟି ଦଳ ଜିଲ୍ଲାର ଥିବାବେଳେ ଅନ୍ୟ ୮ଟି ଟିମ୍ ଜିଲ୍ଲା ବାହାରର ବୋଲି ଜଣାପଡ଼ିଛି। ଚାମ୍ପିଅନ ଦଳ ପାଇଁ ୨୦ ହଜାର ଓ ରନର୍ସଅପ ଦଳ ପାଇଁ ୧୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାକୁ ସବୁବେଳେ ପ୍ରୋତ୍ସାହନ ଯୋଗାଇ ଆସୁଥିଲେ। ସେଥିପାଇଁ ଆଜି ରାଜ୍ୟରେ ଅନେକ କ୍ରୀଡ଼ାବିତ ସୃଷ୍ଟି ହୋଇପାରିଛନ୍ତି ବୋଲି ପ୍ରଣବ କହିଥିଲେ।



# ସଭାପତିରୁ ବିଦା ହେବା ପରେ ଗୌତମଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା

ଯାଜପୁର, ୧୭।୨(ସମିସ)

ଗତକାଲି ଯାଜପୁର ଜିଲ୍ଲା ବିଜେପି ସଭାପତି ପଦରୁ ଗୌତମ ରାୟ ବିଦା ହେବା ପରେ ବଡ଼ଚଣା ଅଞ୍ଚଳର ଦେବଯାନୀ ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ଏ ଖବର ପ୍ରଚାରିତ ହେବା ପରେ ଗୌତମଙ୍କ ବିରୋଧୀ ଶିବିର ଉତ୍ସାହିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏପରିକି ଖୋଦ୍ ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଗୌତମଙ୍କ ବିରୋଧୀ ଖୁସିରେ ମିଠା ବାଣ୍ଟିବା ସହ ବାଣ ଫୁଟାଇବା ଘଟଣା ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଯେଉଁମାନେ ଏକଦା ଗୌତମଙ୍କ ଏକାନ୍ତ ଅନୁଗତ ଥିଲେ, ସେମାନେ ଆଜି ଗୌତମଙ୍କ ବିରୋଧରେ ଏପରି ସେଲିବ୍ରେସନ କରୁଥିବାରୁ ଆଗାମୀ ଦିନରେ ଗୌତମଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ନାନା ଅଙ୍କକଷା ଆରମ୍ଭ ହୋଇଛି। ଗୌତମ ଅଣକଂଗ୍ରେସରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଗୌତମ ବିଜେପି-ବିଜେଡି ମେଣ୍ଟ ସରକାର ସମୟରେ ୨୦୦୪ରେ ବଡଚଣାରୁ ନିଜର ଭାଗ୍ୟ ପରୀକ୍ଷା କରି ବିଫଳତାର

**ଯାଜପୁର ବିଜେପି ରାଜନୀତି**



ସ୍ୱାଦ ଚାଖିଥିଲେ। ପରବର୍ତ୍ତୀ ସମୟରେ ୨୦୦୯ରେ ଗୌତମଙ୍କୁ କୋରେଇ ବିଜେଡି ଟିକେଟ ଦିଆଯାଇଥିଲେ ମଧ୍ୟ ଆତ୍ମବିଶ୍ୱାସ ଅଭାବ କାରଣରୁ ସେ ଛତ୍ରଭଙ୍ଗ ଦେଇ ବିଜେପିରେ ସାମିଲ ହୋଇଥିଲେ। ୨୦୦୯ରେ ଯାଜପୁର ନିର୍ବାଚନମଣ୍ଡଳୀରୁ ପ୍ରଣବ ପ୍ରକାଶ ଦାସଙ୍କଠାରୁ ପରାଜୟବରଣ କରିଥିଲେ ଗୌତମ। ୨୦୧୪ରେ ସେ ଆଦୌ ପ୍ରାର୍ଥୀ ହୋଇ ନ ଥିଲେ। ପୁଣି ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ପ୍ରଣବଙ୍କଠାରୁ ପରାସ୍ତ ହୋଇଥିଲେ।

ଗତ ସାଧାରଣ ନିର୍ବାଚନରେ ସାରା ରାଜ୍ୟରେ ବିଜେପି ଭଲ ପ୍ରଦର୍ଶନ କରିଥିବାବେଳେ ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡି ମହିଳା ପ୍ରାର୍ଥୀ ସୁଜାତା ସାହୁଙ୍କଠାରୁ ମଧ୍ୟ ପରାଜିତ ହୋଇଥିଲେ। ଯାହା ତାଙ୍କ ନେତୃତ୍ୱ ଉପରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏହାପରେ ଯାଜପୁର ଆରଏମ୍‌ସି ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟ ପାଇଁ ଗୌତମ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲେ। ରାଜ୍ୟରେ ବିଜେପି ସରକାରକୁ ଆସିବାର ଦିନ କେଇଟା ଭିତରେ ଯାଜପୁରର ତତ୍କାଳୀନ ସିଡିଏମଓଙ୍କୁ ଧମକ ଦେବା ଅଡିଓ ଭାଇରାଲ ହେବା, ନିଜ ଦଳ ଭିତରେ ଗୋଷ୍ଠୀ କନ୍ଦଳ, ଜିଲ୍ଲା ମହୋତ୍ସବ ଭଳି ସରକାରୀ କାର୍ଯ୍ୟକ୍ରମରେ ମଞ୍ଚରେ ବସିବା, ପଥର ମାଫିଆଙ୍କୁ ଦଳରେ ସାମିଲ କରିବା, ଦଳୀୟ ପ୍ରାର୍ଥୀଙ୍କୁ ଅଣଦେଖା କରି ସ୍ୱାଧୀନ ବିଧାୟକ ଲିକୁ ସାହୁଙ୍କୁ ଅକୁଣ୍ଠ ସମର୍ଥନ କରିବା ଗୌତମଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିବା ଚର୍ଚ୍ଚା ହେଉଛି। ଏତେସବୁ ପରେ ଆଗାମୀ ଦିନରେ ଗୌତମଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ, ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଯାଜପୁର ନିର୍ବାଚନମଣ୍ଡଳୀରେ ସଂଗ୍ରାମ ପାତ୍ର, ପୁଲିନ ପୁହାଣଙ୍କ ଭଳି ଯୁବ ଚେହେରାଙ୍କୁ ଦଳ ପ୍ରସ୍ତୁତ କରି ରଖିଥିବାବେଳେ ଗୌତମଙ୍କୁ ଆଗକୁ କୌଣସି ସୁଯୋଗ ମିଳିବା ଆଶା କ୍ଷିଣ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

## ‘ଭଦ୍ରାୟଣୀ’ରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଷ୍ଟଲ୍



ଭଦ୍ରକ, ୧୭।୨(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଫେବୃୟାରୀ ୧୩ ତାରିଖରୁ ନେହରୁ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା, କୃଷିଯାନ୍ତ୍ରିକ ମେଳାକୁ ନେଇ ଆରମ୍ଭ ହୋଇଥିବା ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ୫ ଦିନ ଧରି ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଏକ ସୁସଜ୍ଜିତ ସୂଚନା କେନ୍ଦ୍ର ଖୋଲାଯାଇଥିଲା। ଜିଲ୍ଲାର ସମସ୍ତ ପ୍ରମୁଖ ଦର୍ଶନୀୟ ସ୍ଥାନ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୪୦ଟି ମନ୍ଦିରରୁ ୧୬ଟି ମନ୍ଦିର ଓ ବାବା ଆଖଣ୍ଡଳମଣିଙ୍କ ବିଭିନ୍ନ ବେଶର ଫଟୋଚିତ୍ର ରଙ୍ଗୀନ ଆଲୋକ ଜରିଆରେ ଆକର୍ଷଣୀୟ ଢଙ୍ଗରେ ସୁସଜ୍ଜିତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ଏହାସହ ସୂଚନା ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଓଡ଼ିଶା ସରକାରଙ୍କ ମୁଖପତ୍ର ବାର୍ଷିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ସୂଚନା କେନ୍ଦ୍ରରେ ସର୍ବସାଧାରଣ ଉଦ୍ଦେଶ୍ୟରେ ବିକ୍ରୟ କରାଯାଇଥିଲା। ଫଟୋଚିତ୍ର ଜରିଆରେ ସ୍ଥାନ ପାଇଥିବା ନିଜ ନିଜ ଅଞ୍ଚଳର ଜଗନ୍ନାଥ ମନ୍ଦିର ଦେଖିବା ପାଇଁ ଷ୍ଟଲ୍ ନିକଟରେ ଦର୍ଶକମାନଙ୍କ ଭିଡ଼ ଲାଗି ରହିଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଏହି ଷ୍ଟଲକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ପୌର ନିର୍ବାହୀଅଧିକାରୀ ତାପସରଞ୍ଜନ ସାମଲ ପ୍ରଶଂସା କରିଥିଲେ।

### ଶିଶୁ-ମାତୃ ଚିକିତ୍ସାଳୟରେ ଜିଲ୍ଲାପାଳଙ୍କ ରାତିଅଧିଆ ତଦାରଖ

# ୨ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

ଭଦ୍ରକ, ୧୭।୨(ସମିସ)

ଜିଲ୍ଲାପାଳ ଏକ୍ସନ୍ ମୁଡରେ। କିଛିଦିନ ତଳେ ଧାନମଣ୍ଡିରେ ପହଞ୍ଚି ତଦାରଖ କରିଥିଲେ। ସେହିପରି ରବିବାର ରାତିରେ ଶିଶୁ ମାତୃ ଚିକିତ୍ସାଳୟକୁ ମାଡ଼ିଗଲେ ଜିଲ୍ଲାପାଳ। ଗେଲପୁରସ୍ଥିତ ଶିଶୁ ଓ ମାତୃ ଚିକିତ୍ସାଳୟ (ଏମସିଏଚ୍)ରେ ପହଞ୍ଚି ସେଠାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସ୍ୱଚକ୍ଷୁରେ ଦେଖିଥିଲେ।



ସୂଚନା ଅନୁସାରେ, ରବିବାର ରାତି ୧୦ଟାରେ ପୌରାଞ୍ଚଳ ଅନ୍ତର୍ଗତ ୧୨ନମ୍ବର ୱାର୍ଡର ସଦାଶିବ ମହାରଣାଙ୍କ ୫ମାସର ଶିଶୁପୁତ୍ର ଥଣ୍ଡାରେ ଆକ୍ରାନ୍ତ ହୋଇ ଗୁରୁତର ହୋଇ ପଡ଼ିଥିଲା। ଗେଲପୁରସ୍ଥିତ ଶିଶୁ ଓ ମାତୃ ଚିକିତ୍ସାଳୟରେ ଚିକିତ୍ସା ପାଇଁ ତାକୁ ଆଣିଥିଲେ। ସେଠାରେ ହେଲ୍ଥ ଡେସ୍କରେ ଟୋକନ କରିବା ପରେ ୪ମହଲା ଶିଶୁ ବିଭାଗକୁ ଯାଇଥିଲେ। ଜଣେ ଆଟେଣ୍ଡାଣ୍ଟ ଏଠାକୁ କାହିଁକି ଆଣିଲ ବୋଲି ପ୍ରଶ୍ନ କରି ଫେରାଇ ଦେଇଥିଲେ। ଏଭଳି ପରିସ୍ଥିତିରେ ଗୁରୁତର ଶିଶୁପୁତ୍ରର ବାପା ଶ୍ରୀ ମହାରଣା ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ଫୋନରେ ତାଙ୍କୁ ହଇରାଣ କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଜିଲ୍ଲାପାଳ ଶ୍ରୀ ରାଉତରାଏ ତୁରନ୍ତ ଗେଲପୁର ନୂଆ ମେଡିକାଲରେ ପହଞ୍ଚିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏ ବାବଦରେ ଫୋନ କରି ତାଗିଦ କରିଥିଲେ। ପରେ ଗୁରୁତର ଶିଶୁପୁତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଯାଇଥିଲା। ଠିକ୍ ସେହି ସମୟରେ ଆଉ ଜଣେ ସାପ କାମୁଡ଼ା ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ସମାନ ଅଭିଯୋଗ ଶୁଣିଥିଲେ। ପରେ ସେଠାରେ ଡ୍ୟୁଟିରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପଚରାଉଚରା କରି ଶିଶୁବିଭାଗରେ କେହି ବିଶେଷଜ୍ଞ ଡାକ୍ତର ନଥିବାରୁ ଜିଲ୍ଲାପାଳ ଜାଣିବାକୁ ପାଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀ ଡା.ସୁଧାଂଶୁଶେଖର ବଳଙ୍କୁ ଫୋନ କରିଥିଲେ। ଜିଲ୍ଲାପାଳଙ୍କ ଫୋନ ପାଇବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋରଞ୍ଜନ ପାଣିଗ୍ରାହୀଙ୍କୁ ପଠାଇ ସାପ କାମୁଡା ରୋଗୀଙ୍କ ଚିକିତ୍ସା କରାଇଥିଲେ।

ଅନ୍ୟପକ୍ଷରେ ଜିଲ୍ଲାପାଳ ଏଭଳି ତ୍ରୁଟି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଡ୍ୟୁଟିରେ ଅନୁପସ୍ଥିତ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଆଦେଶ ବଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବଳ ଅବହେଳା କରିଥିବା ୨ ଡାକ୍ତରଙ୍କୁ କାରଣ ଦର୍ଶାଅ ମାଗିବାକୁ ଜିଲ୍ଲା ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କୈଫିୟତ ତଲବ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ସେ ସୂଚନା ଦେଇଛନ୍ତି। କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଡାକ୍ତରଦ୍ୱୟ ହେଲେ ଡାକ୍ତର ନିଶାନ୍ତ ଦାସ(ଶିଶୁରୋଗ ବିଶେଷଜ୍ଞ) ଓ ଡାକ୍ତର ଦୀପକ ଜେନା।

**ଜଣେ ଶିଶୁରୋଗ ବିଶେଷଜ୍ଞ ୧୫ ଦିନହେବ ଛୁଟିରେ**

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗେଲପୁର ଏମ୍‌ସିଏଚ୍ ବା ମଦର ଚାଇଲ୍ଡ ହସ୍ପିଟାଲରେ ରାତ୍ରକାଳୀନ ଡ୍ୟୁଟିରେ କେହି ଡାକ୍ତର ରହୁ ନଥିବା ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କହିବାନୁଯାୟୀ, କାର୍ଯ୍ୟରତ ଶିଶୁ ବିଶେଷଜ୍ଞ ଅନଧିକୃତ ଛୁଟିରେ ଗତ ୧୫ ଦିନ ଦିନ ହେବ ରହିଥିଲେ। ତେବେ ସ୍ୱାସ୍ଥ୍ୟ ବିଭାଗ ତାଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଓ ତାଙ୍କ ବଦଳରେ ଜଣେ ସବଷ୍ଟିଚ୍ୟୁଟ୍ ଡାକ୍ତରଙ୍କୁ ଡ୍ୟୁଟି ନଦେବା ସ୍ୱାସ୍ଥ୍ୟ ପ୍ରଶାସକଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱହୀନତାକୁ ପଦାରେ ପକାଇଛି। ସେହିପରି ସାପ କାମୁଡା ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ନକରି କିମ୍ବା ଡ୍ୟୁଟିରେ ଥିବା ଡାକ୍ତର ଜଣେ ବରିଷ୍ଠ ଭେଷଜ ବିଶେଷଜ୍ଞଙ୍କୁ ଜରୁରିକାଳୀନ କଲ୍ ନକରିବା ଘଟଣା ମଧ୍ୟ ଚିକିତ୍ସକଙ୍କ ଅବହେଳାକୁ ସ୍ୱତଃ ପ୍ରମାଣିତ କରିଛି।

## ନିପୁଣ ଓଡ଼ିଶା ଶିଶୁ କର୍ମଶାଳା

ବାରିକପୁର, ୧୭।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପାର୍ବତୀ ପ୍ରାଥମିକ ବିଦ୍ୟାଳୟଠାରେ ନିପୁଣ ଓଡ଼ିଶା ଶିଶୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏବିଓ ଅକ୍ଷୟ ଜେନା ଉଦଘାଟନ କରିଥିଲେ।

ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଜଗନ୍ନାଥ ପଣ୍ଡା, ଶିକ୍ଷକ ଉଦୟ ରାଉତ, ଲକ୍ଷ୍ମୀଧର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିଗଣ ଯୋଗ ଦେଇଥିଲା ବେଳେ ଶପଥ କାର୍ଯ୍ୟକ୍ରମ ଓ ଲିପୁନ ଓଡ଼ିଶା ସଙ୍ଗୀତ ନୃତ୍ୟ ଆଦି ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଟିଏଲଏମଗୁଡ଼ିକୁ ପ୍ରକାଶ ଦାସ ଓ ବିପିନ ଜେନା ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଡାଲିଜାତୀୟ ଫସଲ ସଚେତନତା କର୍ମଶାଳା

ମଞ୍ଜୁରୀ ରୋଡ, ୧୭।୨(ସମିସ): ଚଳିତ ରବି ଋତୁରେ ଡାଲି ଜାତୀୟ ଫସଲ ପାଇଁ ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ରାଜେନ୍ଦ୍ରପୁରଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସଚେତନତା କର୍ମଶାଳାରେ ଗ୍ରାମ୍ୟ କୃଷି କର୍ମଚାରୀ ଶିବ ନାରାୟଣ ପାଣି, ସଞ୍ଜୀବ କୁମାର ମଲ୍ଲିକ, ରଘୁନାଥ ପତି ପ୍ରମୁଖ ପ୍ରାୟ ୧୫୦ ହେକ୍ଟର ଜମିରେ ଚାଷ ସମ୍ପର୍କିତ ଏକ ବିଶେଷ ଆଲୋଚନା କରିଥିଲେ। ବୈଠକରେ ଅନେକ ଚାଷୀ ଯୋଗ ଦେଇଥିଲେ।

## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



ବନ୍ତ/ଆଗରପଡ଼ା, ୧୭।୨(ସମିସ): ଆଗରପଡ଼ା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ତିନିଦିନିଆ ଶିବିର ସ୍ଥାନୀୟ ବରହମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ବ୍ରଜମୋହନ ପତି ଶିବିରକୁ ଉଦଘାଟନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ନାୟକ, ମହେଶ୍ୱର ମଲ୍ଲିକ, ରବୀନ୍ଦ୍ର ମୋହନ ପଣ୍ଡା, ମୁଖ୍ୟ ସହାୟକ ଅଶୋକ ସାହୁ, ଏନସିସି ମୁଖ୍ୟ ଜଗନ୍ନାଥ ଦାସ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ବକ୍ତୃତା ପ୍ରଦାନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ-ଆଖଣ୍ଡଳମଣି ରାସ୍ତାରେ ବିରାଟ ଗର୍ତ୍ତ



**ମହାଶିବରାତ୍ରୀ ପୂର୍ବରୁ ମରାମତି ଦାବି**

ଅସୁରାଳି, ୧୭।୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତର ତେଲିପାଟଣା ଛକ ନିକଟ ଭଦ୍ରକ-ଆରଡ଼ି ରାସ୍ତାରେ ଏକ ପୋଲର ଦକ୍ଷିଣ ପାର୍ଶ୍ୱରେ ୫ ଫୁଟ ଲମ୍ବା ଓ ୩ ଫୁଟ ଚଉଡାର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏଠାରେ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଇଛି। ଦୈନନ୍ଦିନ ଏହି ପୋଲ ଦେଇ ଶହଶହ ଗାଡି ଯାତାୟାତ କରୁଛି। ଜିଲ୍ଲା ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ମନ୍ତ୍ରୀ, ରାଜନେତା ଆରଡି ପୀଠକୁ ଯାତାୟାତ କରୁଥିଲେ ବି ଏହି ଗର୍ତ୍ତ ଉପରେ କିପରି ସେମାନଙ୍କ ନଜର କିପରି ପଡୁନି ସାଧାରଣରେ ଏହା ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳରେ ଶହଶହ ମାଲବାହୀ ଗାଡି, ଟ୍ରାକ୍ଟର, ଅଟୋରିକ୍ସା, ବାଇକ ପାଇଁ ଏହା ରାତିରେ ଏକପ୍ରକାର ମରଣଯନ୍ତା ସାଜିଛି। ପ୍ରତି ମୁହୂର୍ତ୍ତରେ ଜୀବନ ହାନିର ଆଶଙ୍କା ମଧ୍ୟ ଦେଖା ଦେଇଛି। ବୁଲା ଷଣ୍ଢଙ୍କ ଠୁଁ ଆରମ୍ଭ କରି ଗୃହପାଳିତ ପଶୁ ମଧ୍ୟ ଏହି ଗର୍ତ୍ତରେ ପଡ଼ି ଜୀବନ ହରାଇବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନପାରେ। ତୁରନ୍ତ ଏହି ସ୍ଥାନରେ, ମହାଶିବରାତ୍ରି ପୂର୍ବରୁ ସୂଚନା ଫଳକ ଲଗାଯାଇ ମରାମତି କରିବା ନେଇ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ.ଇ. ଦେବୀପ୍ରସାଦ ଘୋଷ କହିଛନ୍ତି, ଖୁବ୍ ଶୀଘ୍ର ଏହାର ମରାମତି କରାଯିବ।

## ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସଚେତନତା ପଦଯାତ୍ରା



ଭଦ୍ରକ, ୧୭।୨(ସମିସ): ଭଦ୍ରକ ଜିଲ୍ଲା ଅଧୀନ ଜଗନ୍ନାଥ ମନ୍ଦିର ପରିସରରେ ଆଜି ଭାରତ ଗ୍ୟାସ କମ୍ପାନୀ ତରଫରୁ ଆରମ୍ଭ ହୋଇଛି ସୁରକ୍ଷା ଓ ସଚେତନା ଅଭିଯାନ ପଦଯାତ୍ରା। ଏହି ଅବସରରେ ପାଳିଆବିନ୍ଧା ରାଉତ ଭାରତ ଗ୍ୟାସ ଏଜେନ୍ସି ତରଫରୁ ଭଦ୍ରକ ଜଗନ୍ନାଥ ମନ୍ଦିରଠାରୁ ବିଶାଳ ରାଲି ବାହାରି ଭଦ୍ରକ ସହର ପରିକ୍ରମା କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାମନରାୟଣ ନାୟକ, ଭାରତ ପେଟ୍ରୋଲିୟମ ବିଭାଗର ଆସିଷ୍ଟାଣ୍ଟ ସେଲ୍ସ ମ୍ୟାନେଜର ଶୁଭମ ସିଙ୍ଗ, ମୁଖ୍ୟ ଆୟୋଜକ ଚକ୍ରଧର ରାଉତ ଏହି ଅଭିଯାନରେ ସାମିଲ ହୋଇଥିଲେ। ଗ୍ରାହକଙ୍କ ଘରେ ଗ୍ୟାସକୁ ସୁରକ୍ଷିତ ଭାବରେ ରଖିବା ସହ ଗୃହିଣୀମାନେ କିପରି ସୁରକ୍ଷିତ ଭାବରେ ରୋଷେଇ କରିବେ, କୌଣସି ଦୁର୍ଘଟଣାରୁ ନିଜକୁ ସୁରକ୍ଷିତ ରଖିବେ ସେ ବିଷୟରେ ସଚେତନ କରାଇବା ସହିତ ଲୋକମାନେ ଗ୍ୟାସକୁ ଅଯଥା ନଷ୍ଟ ନ କରି ଇନ୍ଧନ ସଂରକ୍ଷଣ ଏବଂ ସ୍ଥାୟୀ ଜୀବନ ଅଭ୍ୟାସ ବିଷୟରେ ସଚେତନ କରାଇଥିଲେ। ଭଦ୍ରକ ଜିଲ୍ଲାର ରାଉତ ଭାରତ ଗ୍ୟାସ ପାଳିଆ, ଆଖଣ୍ଡଳମଣି ଭାରତ ଗ୍ୟାସ ଧୂଷୁରୀ, ରାମେଶ୍ୱର ଭାରତ ଗ୍ୟାସ ଗଣିଜଙ୍ଗ ସହ ୧୦ଟି ଗ୍ୟାସ ଏଜେନ୍ସି ମିଳିତ ସହଯୋଗରେ ସଚେତନ ଅଭିଯାନ ଆରମ୍ଭ ହୋଇଥିଲା। ରାଉତ ଭାରତ ଗ୍ୟାସର ମୁଖ୍ୟ ମଧୁଚନ୍ଦା ରାଉତ, ଚକ୍ରଧର ରାଉତଙ୍କ ନେତୃତ୍ୱରେ ଆଜିର ସଚେତନତା ଅଭିଯାନ ହୋଇଥିଲା। ଆକାଶ ଶତପଥୀ, ପ୍ରମୋଦ ସାହୁ, ଅକ୍ଷୟରାଉତ, ବାପୁନ ପଣ୍ଡା, ମନୋଜ, ଚଗୁଲୁ, ନିରୋଦସେଠୀ, ନରେନ୍ଦ୍ର ମଲ୍ଲିକ ଓ ଅନ୍ୟମାନେ ପଦଯାତ୍ରାକୁ ସଫଳ କରାଇଥିଲେ।

## ଦମ୍ପତିଙ୍କ ମହାନତା



ଅସୁରାଳି, ୧୭।୨(ସମିସ): ଦାନ ଧର୍ମଠାରୁ ବଡ଼ କିଛି ଦୁନିଆରେ ନାହିଁ ବୋଲି ଶାସ୍ତ୍ରରେ ପ୍ରତିପାଦନ କରାଯାଇଛି। ବର୍ତ୍ତମାନ ଏଭଳି ଭାବନାର ଏକ ବିପରୀତଗାମୀ ସମାଜରେ ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି ଏବଂ ତାଙ୍କ ସ୍ୱାମୀ କାହ୍ନୁଚରଣ ପଣ୍ଡା ଉଦାହରଣ ସାଜିଛନ୍ତି। ବମକୁରାର ମହାଦେବ ମନ୍ଦିର ଟ୍ରଷ୍ଟକୁ ୨୧ ହଜାର ଟଙ୍କା ଦାନ କରିଛନ୍ତି। ଏହି ବଦାନ୍ୟତା ଗୁଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ହେବା ସହ ବହୁ ଲୋକଙ୍କ ଉଦାହରଣ ପାଲଟିଛନ୍ତି। ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସତ୍ୟବ୍ରତ ବାରିକ, ସାମ୍ବାଦିକ ରତିକାନ୍ତ ନାୟକ, ଅମୂଲ୍ୟ ସାହୁ, ଅଶୋକ ନାୟକ, ମନ୍ଦିର ପରିଚାଳନା କମିଟିର ସଭାପତି, ସମ୍ପାଦକ ଏବଂ ମେମ୍ବର ପ୍ରମୁଖ ଦମ୍ପତିଙ୍କୁ ଏହି ବଦାନ୍ୟତା ପାଇଁ ପ୍ରଶଂସା କରିଛନ୍ତି।

## ଝଟିଆସାହିରେ ଲକ୍ଷ୍ମୀନାରାୟଣ ପୂଜୋତ୍ସବ



ଧାମନଗର, ୧୭।୨(ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଲୋକକଳାଗ୍ରାମ ବନ୍ଧଟିଆ(ଝଟିଆସାହି)ଠାରେ ଲକ୍ଷ୍ମୀନାରାୟଣ ପୂଜା ଓ ମହୋତ୍ସବ ଚାରି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ପ୍ରକାରର ସାଂସ୍କୃତିକ ଦଳ ପୁରୀର ଭଜନ ସନ୍ଧ୍ୟା, କଳାହାଣ୍ଡିର ହର୍ମୋନିକ ଗ୍ରୁପ୍, ଭୁବନେଶ୍ୱର ନୃତ୍ୟପ୍ରତିଭା ଗ୍ରୁପ୍, କୋଣାର୍କର ଘୋଡ଼ା ନାଚ, ଧାମନଗରର ମୋଗଲ ତାମସା ପ୍ରଭୃତି ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ବିଶେଷ କରି ୧୬ ତାରିଖ ସନ୍ଧ୍ୟାରେ ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ସଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଲୋକନାଟକ ମୋଗଲ ତାମସା ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଦର୍ଶକଙ୍କ ଦ୍ୱାରା କରତାଳି ମାଧ୍ୟମରେ ଉତ୍ସାହିତ କରାଯାଇଥିଲା। ଲକ୍ଷ୍ମୀନାରାୟଣ ପୂଜା କମିଟିର ସଭାପତି ଆନନ୍ଦଚନ୍ଦ୍ର ସେଠୀ, ସମ୍ପାଦକ ରମେଶ ଜେନା, ମହୋତ୍ସବ ଆୟୋଜକ ସ୍ଥାନୀୟ ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ବିପିନ ପଣ୍ଡା, ଶ୍ରୀରାମ ବେହେରା, ପ୍ରାକ୍ତନ ସମିତି ସଭ୍ୟ ରଞ୍ଜିତ ଜେନା, ମୁକୁନ୍ଦ ଜେନା, ମନୋଜ ଭୂୟାଁ, ନରେନ୍ଦ୍ର ସାମଲ, ଶ୍ରୀକାନ୍ତ ବେହେରା, କେଶବ ରାଉତ, ସଦାନନ୍ଦ ଦାସ, ଆନନ୍ଦ ଦାସ, ସୁନୀଲ ଦାସ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ: ସେମିରେ ଭଦ୍ରକ ୟୁନିକ୍



ଭଣ୍ଡାରିପୋଖରୀ, ୧୭।୨(ସମିସ): ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଭଦ୍ରକ ୟୁନିକ୍-୧୧ ସହ ଯାଜପୁର ଇଞ୍ଜନପୁର ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଇଞ୍ଜନପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୨ ଓଭରରେ ୯ ଉଇକେଟ ହରାଇ ୧୭୪ ରନ ସ୍କୋର କରିଥିଲେ। ବ୍ୟାଟ୍ସମ୍ୟାନ ସତ୍ୟାନନ୍ଦ ସାହୁ ସର୍ବାଧିକ ୫୧ ରନ ହାସଲ କରିଥିଲେ। ବିପକ୍ଷ ବୋଲର ପ୍ରକାଶ ଜେନା ୪ ଓଭର ବୋଲିଂ କରି ୪୯ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ୟୁନିକ୍ ୧୧ ଦଳ ୧୩ ଓଭରରେ ୪ ଉଇକେଟ ହରାଇ ୧୭୫ ରନ କରି ମ୍ୟାଚ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅମିତ ସାହୁ ୪୭ ରନ ସ୍କୋର କରିଥିଲେ। ମ୍ୟାନ ଅଫ ଦି ମ୍ୟାନ ବିବେଚିତ ପ୍ରକାଶ ଜେନାଙ୍କୁ ସନ୍ତୋଷ ଦାସ, ପ୍ରଶାନ୍ତ ସାହୁ, ଲଳିତ ରାଉତ ପ୍ରମୁଖ ପୁରସ୍କୃତ କରିଥିଲେ। ଶରତ ଜେନା ଓ ରାମଚନ୍ଦ୍ର ଦାଶ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ସୋମ୍ୟରଞ୍ଜନ ପରିଡ଼ା ଓ ଜ୍ୟୋତିରଞ୍ଜନ ଚନ୍ଦ ସ୍କୋରର, ପ୍ରଦୀପ ଜେନା ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

### ‘ଆମ ସାମ୍ବାଦିକ ସଂଘ’ ର ୨ୟ ବାର୍ଷିକ ଉତ୍ସବ

# ‘ସ୍ୱର ଏକହେଲେ ସରକାର ସାମ୍ବାଦିକ ସୁରକ୍ଷାକୁ ପ୍ରାଧାନ୍ୟ ଦେବେ’

ବାସୁଦେବପୁର, ୧୭।୨(ସମିସ)

ସାମ୍ବାଦିକ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। କିଛି ସାମ୍ବାଦିକ ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିବା ସହ ଦୁର୍ନୀତି, ଭ୍ରଷ୍ଟାଚାର ଓ ନିସହାୟଙ୍କ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିଥାନ୍ତି। ନିରପେକ୍ଷତା ଅବଲମ୍ବନ କରି କାର୍ଯ୍ୟ କରୁଥିବା ବେଳେ କିଛି ବ୍ୟକ୍ତି ବିଶେଷଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥାଏ। ଏକାଠି ସ୍ୱର ମିଳାଇ ସାମ୍ବାଦିକ ସୁରକ୍ଷା ସହିତ ଅନ୍ୟାନ୍ୟ ଦାବିକଲେ ସରକାର ପ୍ରାଧାନ୍ୟ ଦେବେ ବୋଲି ବାସୁଦେବପୁରର ଆମ ସାମ୍ବାଦିକ ସଂଘର ୨ୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ (ମୁନା ଖାଁ) କହିଥିଲେ। ନୀଳମଣି ଟାଉନହଲରେ ଅନୁଷ୍ଠିତ ସଭାରେ ଆମ ସାମ୍ବାଦିକ ସଂଘର ସଭାପତି କିଶୋର କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଥିଲେ, ନିସହାୟ ଲୋକ ନ୍ୟାୟ ପାଇବାକୁ ସବୁଠି ବିଫଳ ହେଲେ



ଶେଷରେ ଗଣମାଧ୍ୟମର ସାହାରା ନେଇଥାଏ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅମରେଶ ବିଶ୍ୱାଳ କହିଥିଲେ, ଓଡ଼ିଶାର ସମସ୍ତ ସାମ୍ବାଦିକମାନଙ୍କ ମାଧରେ ଥିବା ବିଭେଦକୁ ଭୁଲି ଏକ ହୋଇ କାର୍ଯ୍ୟ କଲେ ସତ୍ୟ ଖବର ଲୋକଲୋଚନକୁ ଆସିବ। ଆମେ ଏକ ହେଲେ ସରକାର ସାମ୍ବାଦିକ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ସହିତ ଆକ୍ରୋଶର ଶିକାର କମିବ। ଆମ ସାମ୍ବାଦିକ ସଂଘର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଲେଖକ ବିକାଶ କୁମାର ଶତପଥୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ସାମ୍ବାଦିକ ଅମରେଶ ବିଶ୍ୱାଳ, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ, ସାମ୍ବାଦିକ କିଶୋର ମହାପାତ୍ର, ଖବରକାଗଜ ବିତରକ ମନୋରଞ୍ଜନ ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ଅନୁଷ୍ଠାନର କୁନି କୁନି କଳାକାର ଓଡ଼ିଶାର ଲୋକକଳା ଓ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଲେଖ ମନୋରଞ୍ଜନ ଏକାଡେମୀର ନିର୍ଦ୍ଦେଶକ ଅଲେଖ ପରିଡ଼ା ସଂଯୋଜନା କରିଥିଲେ। ଆମ ସାମ୍ବାଦିକ ସଂଘର ବାର୍ଷିକ ମୁଖପତ୍ର ସାମ୍ବାଦିକର ସ୍ୱର ଓ ବରିଷ୍ଠ ଲେଖକ ତଥା ଶିକ୍ଷାବିତ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ବ୍ରହ୍ମସୂତ୍ର ପୁସ୍ତକ ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା। ‘ଆମ ସାମ୍ବାଦିକ ସଂଘ’ର ସଦସ୍ୟ ସର୍ବେଶ୍ୱର ଯେନା, ଅମିୟଭୂଷଣ ମହାନ୍ତି, ରାଜୀବ ଦାସ, ମନୀନ୍ଦ୍ର ବିଶ୍ୱାଳ, ସ୍ୱାଧୀନ ଆଲୋକ ଡାଙ୍ଗୁଆ ଓ ଭାଗିରଥି ପଲାଇ ସହଯୋଗ କରିଥିଲେ।

## କାହ୍ନା ଟେନ୍‌ଷ୍ଟାରକୁ ହରାଇ ମାଷ୍ଟର ଏକାଦଶ ବିଜୟୀ



ଆରଡି, ୧୭।୨(ସମିସ): ଆରଡିପୀଠ ନିକଟ ପହଣାଗାଁରେ ଥିବା ଜୟଗଣେଶ କମିଟି ପକ୍ଷରୁ ୩ଦିନିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷଦିନ ଫାଇନାଲ ମ୍ୟାଚରେ କାହ୍ନା ଟେନଷ୍ଟାର ଟିମ ଓ ମାଷ୍ଟର ଇଲେଭେନ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି କାହ୍ନା ଟେନଷ୍ଟାର ଟିମ ବ୍ୟାଟିଂ କରିଥିଲା। ୮ଓଭର ଖେଳରେ ସମସ୍ତ ୱିକେଟ ହରାଇ ୫୯ରନ କରିଥିଲା। ପରେ ମାଷ୍ଟର ଇଲେଭେନ ଟିମ ୩ଓଭର ୪ଟି ବଲ ବିନା ୱିକେଟରେ ୬୦ରନ କରି ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ସାଜିଦ ପାଣି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହୋଇଥିବା ବେଳେ ରନର୍ସ ଭାବେ କାହ୍ନା ଟେନଷ୍ଟାର ଟିମକୁ ଟ୍ରଫି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସରୋଜ ଦାସ, ଅରବିନ୍ଦ ପାଢ଼ୀ, ପ୍ରସନ୍ନ ଜେନା, ଓଳଗ ସରପଞ୍ଚ ପ୍ରଫୁଲ ବେହେରା, ସୁନ୍ଦରପୁର ସରପଞ୍ଚ ଅଭିମନ୍ୟୁ ଜେନା, ସରପଞ୍ଚ ପ୍ରତିନିଧି ଗଣେଶ ବିଶ୍ୱାଳ, ଭଗବାନ ମାଝୀ ପ୍ରମୁଖଟ୍ରଫି ଓ ନଗଦ ଟଙ୍କା ପ୍ରଦାନ କରିଥିଲେ। କମିଟିର ସମସ୍ତ ସଭ୍ୟ ପରିଚାଳନା କରିଥିଲେ।

ସକାଳ
THE SAKALA



**ଅଦିନିଆ ବର୍ଷାକୁ ନେଇ ଚିନ୍ତାରେ ଚାଷୀ**

# ଖୋଲା ଆକାଶ ତଳେ ଶହ ଶହ ଧାନ ବସ୍ତା

ବାରିକପୁର, ୧୭ ।୨(ସମିସ)

ଆସନ୍ତା ବୁଧବାରଠାରୁ ଉପକୂଳ ଓଡ଼ିଶାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏନେଇ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଜରିଆରେ ପ୍ରଚାର ହୋଇଛି । ତେଣୁ ଯେଉଁ ଚାଷୀ ଭାଇମାନେ ଖରିଫ ଧାନ ଅମଳ କରିସାରିଥିଲେ ସେମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି । ଯେଉଁମାନେ ଖଳା ବାଡ଼ିରେ ଧାନ ରଖିଛନ୍ତି ସେମାନେ ଯେତିକି ଚିନ୍ତାରେ ପଡିଛନ୍ତି ତା'ଠାରୁ ଅଧିକ ଚିନ୍ତିତ ହୋଇ ପଡିଛନ୍ତି ମଣ୍ଡିରେ ଧାନ ଦେଇଥିବା ଚାଷୀମାନେ ।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସରକାରୀ ଭାବେ ମୋଟ ୧୭ଟି ଧାନ ମଣ୍ଡି ଖୋଲାଯାଇଥିବା ବେଳେ ଗତ ରବିବାର ରାତି ସୁଦ୍ଧା ବିଭିନ୍ନ ମଣ୍ଡିରେ ପ୍ରାୟ ୪୪ହଜାର କୁଇଣ୍ଟାଲ ଧାନ ଗଛିତ ହୋଇଥିବା ଜଣାପଡିଛି । ଯଦିଓ ସୋମବାର ଦିନ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଏନେଇ ଅଭିଯୋଗ ଆସିବାରୁ କିଛି ଶସ୍ୟକୁ ମିଲର ସ୍ଥାନାନ୍ତରିତ କରିଛି କିନ୍ତୁ ଏବେବି ସୁଦ୍ଧା ଅନେକ ମଣ୍ଡିରେ ଧାନ ରହିଥିବା ଜଣାପଡିଛି । ବ୍ଲକର ବାଲିପୋଖରୀ, ତେସିଙ୍ଗା, ନେରଡ଼ା, ରହଣିଆ, ମାଳଦା, ନାରାୟଣପୁର, ଜଳମଣ୍ଡୁଆ, ନାଆମୀ ପ୍ରମୁଖ ସମିତି ଅଧୀନ ମଣ୍ଡିରେ ଧାନ ରହିଥିବା ସୂଚନା ମିଳିଛି । ଏହାଛଡା ବୟାଁ, କୁରିଗାଁ, ସାରୋ, ସରସଦା, ପାଟୁଳି, ଆଦମପୁର ପ୍ରମୁଖ ଏସଏଚଜି ମଣ୍ଡିରେ ମଧ ଧାନ ନଥିବା ଜଣାପଡିଛି । ଆଜି ସନ୍ଧ୍ୟା ସୁଦ୍ଧା କିଛି ମଣ୍ଡିରୁ ଧାନ ସ୍ଥାନାନ୍ତରିତ ହେଉଥିଲେ ସୁଦ୍ଧା ଏବେ ସୁଦ୍ଧା ଖୋଲା ଆକାଶ ତଳେ ଶହ ଶହ ଧାନ ବସ୍ତା ପଡ଼ିରହିଛି । ଅଦିନିଆ ବର୍ଷା ଦାଉରୁ ଧାନକୁ ରକ୍ଷା ଦେବା ପାଇଁ ଜିଲ୍ଲା ଆରଏମସି ବିଭାଗ ପକ୍ଷରୁ ଯେଉଁ ପାଲ ଯୋଗା ଯାଇଛି ତାହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି । ତେଣୁ ଚାଷୀମାନେ ମଣ୍ଡିରେ ଧାନ ପକେଇ ଏବେ ମୁଣ୍ଡରେ ହାତ ଦେଇଛନ୍ତି । ଏପଟେ ଧାନ କ୍ରୟ ବ୍ୟବସ୍ଥାକୁ କିଛିଦିନ ପାଇଁ ସ୍ଥଗିତ ରଖାଯାଇଥିବା ବେଳେ ମଣ୍ଡିରେ ଥିବା ଧାନ ଗୁଡିକୁ ତୁରନ୍ତ ଆଣିବା ପାଇଁ ମିଲର ମାନଙ୍କୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।



## ସ୍କୁଲରେ ମୋବାଇଲ ନିଷିଦ୍ଧ ପାଇଁ ପରାମର୍ଶ

**ଭଣ୍ଡାରିପୋଖରୀ/ବାରିକପୁର, ୧୭।୨(ସମିସ):** ଜିଲ୍ଲାପାଳ ଦିଲୀପ ରାଉତରାଏ ଆଜି ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ଅବସ୍ଥିତ ଜନଶୁଣାଣି ଶିବିରରେ ଯୋଗ ଦେଇଥିଲେ । ଏହାପରେ ଅଚାନକ ରହଣିଆ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହିତ ପାଠପଢା ସମ୍ପର୍କରେ ଭାବ ବିନିମୟ କରିଥିବା ଜଣାପଡିଛି । ଜିଲ୍ଲାପାଳ ପ୍ରଥମେ ଶିକ୍ଷଣୀୟ ସାରଣୀ ବାବଦରେ ପିଲାମାନଙ୍କୁ ପଚାରିଥିଲେ । ଏହାପରେ ଶିକ୍ଷାଦାନ ପ୍ରକୋଷ୍ଠରେ କିଛି ସମୟ ଅତିବାହିତ କରି ପାଠପଢା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ । ବିଶେଷକରି ପାଠପଢା ସମୟରେ ମୋବାଇଲ ସଂସ୍ପର୍ଶରେ ନଆସିବାକୁ ସେ ପରାମର୍ଶ ଦେଇଥିଲେ । ମଧ୍ୟାହ୍ନଭୋଜନ, ରନ୍ଧନ ପ୍ରଣାଳୀ ଓ ଖାଦ୍ୟ ମାନ ଉପରେ ମଧ ତଦାରଖ କରିଥିଲେ । ବିଡିଓ ଦେବଦତ୍ତ ଦାଶଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



## ହବିବ ନଗରରୁ ଚୋରି ସାମଗ୍ରୀ ଜବତ

**ଧାମନଗର,୧୭ ।୨(ସମିସ):** ଧାମନଗର ଏନଏସି ଅନ୍ତର୍ଗତ ୩ନମ୍ବର ୱାର୍ଡ ହବିବନଗର ଗ୍ରାମର ବାସିନ୍ଦା ସେକ କାଲୁ ଘର ନିକଟରେ ପୁଲିସ ଚଢ଼ଉ କରି ବ୍ୟାପକ ଚୋରି ସାମଗ୍ରୀ ଜବତ କରିଛି । ସୋମବାର ସକାଳ ୧୦ଟା ୩୦ରେ ଧାମନଗର ଥାନାର ଭାରପ୍ରାପ୍ତ ଅଧିକାରୀ ରାଜେଶ ସେଠୀ, ଏସଆଇ ପ୍ରଦୀପ ନାୟକ, ଏଏସଆଇ ନେପାଳ ଶାହ ସଦଳବଳେ ସେକ କାଲୁଙ୍କ ଘର ରନିକଟରେ ବାଉଁଶ ବୋଦା ମୂଳରେ ଲୁଚାଇ ରଖିଥିବା ବିଭିନ୍ନ ଚୋରି ସାମଗ୍ରୀ ଯଥା ଗାଡି ବ୍ୟାଟାରି ୪ଟା, ଗ୍ୟାସ ଟ୍ୟାଙ୍କି ୨ଟା, ଗାଡି ଚକ ଡ୍ରମ ୩ଟା, ପାଣି ପମ୍ପ ଗୋଟାଏ ଓ ଇନଭେଟର ମେସିନ ଗୋଟିଏ ଜବତ କରିଥିଲେ । ଚୋରି ସାମଗ୍ରୀକୁ ପୁଲିସ ଥାନାରେ ରଖିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି । ଏହି ଚୋରି ଘଟଣାର ତଦନ୍ତ ଚାଲିଛି ଏବଂ ଖୁବଶୀଘ୍ର ଚୋରକୁ ଧରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଧାମନଗର ଅଞ୍ଚଳରେ ଚୋରି ବୃଦ୍ଧି ପାଇବା ସହିତ ହବିବନଗର ଗ୍ରାମରେ କବାଡିଆ ଦୋକାନ ସହ ଚୋରର ଆଡ୍ଡାସ୍ଥଳୀ ପାଲଟିଛି ।



## ନବାଗତଙ୍କୁ ବିଜେପି ଜିଲ୍ଲା ସଭାପତି



**ଭଦ୍ରକ,୧୭ ।୨(ସମିସ):** ଭଦ୍ରକ ଜିଲ୍ଲା ବିଜେପିର ନୂତନ ଜିଲ୍ଲା ସଭାପତି ଭାବେ ଭଗବାନ ପଣ୍ଡାଙ୍କୁ ରାଜ୍ୟ ବିଜେପି ମନୋନୀତ କରିଛି । ତେବେ ଜିଲ୍ଲା ସଭାପତି ଦୌଡରେ ଅନେକ ବରିଷ୍ଠ ନେତା ଥିବା ବେଳେ ଶ୍ରୀ ପଣ୍ଡାଙ୍କ ଭଳି ଜଣେ ନବଗତଙ୍କୁ ଦଳ ଦାୟିତ୍ୱ ଦେଇଛି । ଏହାଦ୍ୱାରା ଦଳର ବରିଷ୍ଠ ନେତାଙ୍କ ଶିବିର ମୁହଁ ଖୋଲୁ ନଥିବା ବେଳେ ଶ୍ରୀ ପଣ୍ଡା ଜିଲ୍ଲା ସଭାପତି ହେବା ପରେ ଯୁବକର୍ମୀମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଥିବା ଜଣାପଡ଼ିଛି । ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ଆଗାମୀ ଦିନରେ ଦଳର କି ଆଭିମୁଖ୍ୟ ରହିବ ଶ୍ରୀ ପଣ୍ଡାଙ୍କ ମନୋନୟନ ପରେ ଚର୍ଚ୍ଚା ଜୋର ଧରିଛି ।

## ବାଟବଣା ହେଉଛି ହରିଶ୍ଚନ୍ଦ୍ର ଯୋଜନା

**ଧାମନଗର, ୧୭।୨(ସମିସ):** ଧାମନଗର ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କୁ ଅପହଞ୍ଚ ରହୁଛି "ହରିଶ୍ଚନ୍ଦ୍ର' ସହାୟତା ରାଶି । ଗ୍ରାମାଞ୍ଚଳରେ ସରପଞ୍ଚ ଓ ସହରାଞ୍ଚଳରେ ଏନଏସି ଅବା ପୌରାଧ୍ୟକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାର ଅର୍ଥ ପ୍ରଦାନ କରିଥାନ୍ତି । ଗରିବ ଅସହାୟ ମୃତ ବ୍ୟକ୍ତିର ଅନ୍ତ୍ୟୋଷ୍ଟିକ୍ରିୟା (ଶବଦାହ/କବରୀକରଣ) ସମ୍ପାଦନ କରିବା ପାଇଁ ତା'ର ନିକଟତମ ସମ୍ପର୍କୀୟଙ୍କୁ ଆର୍‌ଥିକ ସହାୟତା ଯୋଗାଇଦେବା କିମ୍ବା ଅଚିହ୍ନା ଶବର ଶେଷକୃତ୍ୟ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । ଗ୍ରାମାଞ୍ଚଳ ହିତାଧିକାରୀଙ୍କୁ ୨ ହଜାର ଓ ସହରାଞ୍ଚଳ ହିତାଧିକାରୀଙ୍କୁ ୩ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇ ପାରିବ । ୨୦୧୫ ମସିହା ଜାନୁଆରୀ ମାସରୁ ତତ୍କାଳୀନ ଓଡ଼ିଶା ସରକାର ଏହି ଯୋଜନା ଲାଗୁ କରିଥିଲେ । ଗତ ୨୦୨୩ ମସିହା ଏପ୍ରିଲ ମାସରେ ଗ୍ରାମାଞ୍ଚଳ ପାଇଁ ୨ରୁ ୩ହଜାର ଓ ସହରାଞ୍ଚଳ ପାଇଁ ୩ରୁ ୪ ହଜାର ବର୍ଦ୍ଧିତ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି । ସରପଞ୍ଚମାନେ ରିଭଲଭିଂ ଫଣ୍ଡରୁ ଏହି ଅର୍ଥ ପ୍ରଦାନ କରିପାରିବେ । ଏହି ପାଣ୍ଠିରୁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମେ ଆର୍‌ଥିକ ସହାୟତା ପ୍ରଦାନ କରି ୧୫ ଦିନ ମଧ୍ୟରେ ଅନଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ପଞ୍ଚାୟତ ବ୍ୟାଙ୍କ ଖାତାକୁ ଭରଣା କରିବେ ସରପଞ୍ଚ । ମାତ୍ର ଧାମନଗର ବ୍ଲକ ଅଞ୍ଚଳର ବହୁ ପଞ୍ଚାୟତରେ ସରପଞ୍ଚମାନେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରୁ ନଥିବା ନେଇ ଅଭିଯୋଗ ହେଉଛି । ଅଧିକାଂଶ ପଞ୍ଚାୟତ ସରପଞ୍ଚମାନେ ଏହି ଅର୍ଥ ଚଳୁ କରିଥିବା ନେଇ ଅଭିଯୋଗ ସହ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସରପଞ୍ଚଙ୍କ ପ୍ରତିନିଧି ଥିବା ଅଧିକାଂଶ ପଞ୍ଚାୟତରେ ଏହି ଅର୍ଥ ଅଧିକ ଘୋଟାଲା ହୋଇଥିବା ଜଣାଯାଇଛି । ବହୁ ମୃତ ବ୍ୟକ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଯାଇଥିଲେ ମଧ ତାଙ୍କ ନିକଟ ସମ୍ପର୍କୀୟ ଏହି ସହାୟତା ରାଶି ଏଯାଏଁ ପାଇ ନଥିବା ଅଭିଯୋଗ ହୋଇଛି । ଏହି ଘୋଟାଲାର ଭିଜିଲାନ୍ସ ତଦନ୍ତ କରାଯାଉ ନଚେତ ଭଦ୍ରକ ଜିଲ୍ଲାପାଳ ତୁରନ୍ତ ଏଭଳି ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ କରି ଯୋଗ୍ୟ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ସହାୟତା ଯୋଜନାର ଅର୍ଥ ପ୍ରଦାନ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

**● ଜରିମାନାରେ ପ୍ରଶାସନ ସୀମିତ**

## ଇଟାଭାଟି ନିଆଁରେ ଜନଜୀବନ କଲବଲ

**ବନ୍ତ/ଆଗରପଡ଼ା, ୧୭।୨(ସମିସ):** ଏବେଠୁ ରୌଦ୍ରତାପର ପ୍ରକୋପ ଅସହ୍ୟ ହେବାରେ ଲାଗିଲାଣି । ବନ୍ତ ତହସିଲ ଅଞ୍ଚଳରେ ଗଢ଼ି ଉଠିଥିବା ମାଳ ମାଳ ଇଟାଭାଟିରୁ ନିର୍ଗତ ନିଆଁର ପ୍ରକୋପ ଏହି ସମୟରେ ଦାଉ ସାଧୁଛି । ଏହାର ତୀବ୍ରତା ବାୟୁମଣ୍ଡଳରେ ମିଶି ତାପମାତ୍ରାକୁ ବୃଦ୍ଧି କରୁଛି । ତାତି ଏହାଫଳରେ ଅସହ୍ୟ ହେଉଛି । ତହସିଲ ଅଧୀନରେ ୨୫ଟି ପଞ୍ଚାୟତ ମଧ୍ୟରୁ ଏବେବି ମୁଖ୍ୟତଃ ଆଗରପଡ଼ା ଓ ତାର ଆଖପାଖ ଅଞ୍ଚଳ କାଣ୍ଡବା, ମହାନ୍ତିପଡ଼ା, ସାହୁପଡ଼ା, ଗୋପୀନାଥପୁର, ଅଣିଜୋ ଆଦି ସାଳନ୍ଦି ନଦୀ କୂଳ ଗ୍ରାମର କୋଣ ଅନୁକୋଣରେ ଶହ ଶହ ଇଟାଭାଟି ଜଳୁଛି । ଏହି ବେଆଇନ ଇଟାଭାଟି ପୋଡ଼ି ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଇଟାଭାଟିର ଧୂଆଁ ଓ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି । ହେଲେ ପ୍ରଶାସନର ଏଥିପ୍ରତି ନିଘା ନାହିଁ । ତହସିଲଦାର ଓ ତାଙ୍କ କର୍ମଚାରୀ ଏହି ବିଷୟରେ ଅବଗତ ଥାଇ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଓ ପରୋକ୍ଷରେ ଇଟାଭାଟି ମାଲିକମାନଙ୍କୁ ସହଯୋଗ କରୁଥିବାର ଅଭିଯୋଗ ହେଉଛି । ଇଟା ପକାଇବା ପାଇଁ ନିୟମ କାନୁନ ପ୍ରଣୟନ କରାଯାଇଥିଲେ ସୁଦ୍ଧା କେବଳ ହାତଗଣତି କେତେକ ଇଟାଭାଟି ମାଲିକଙ୍କଠାରୁ ରୟାଲିଟି ଓ ଜରିମାନା ଆଦାୟ କରି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କର କର୍ତ୍ତବ୍ୟ ସଂପାଦନ କରୁଛନ୍ତି । ଇଟାଭାଟିରୁ ନିର୍ଗତ ପ୍ରଦୂଷଣ ଏବଂ ନିଆଁର ତୀବ୍ରତା କିପରି ଭାବେ କମ କରାଯାଇ ପାରିବ ସେ ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଲାଗୁ କରିବାରେ ପ୍ରଶାସନ ବିଫଳ ହେଉଛି ।

ଅନ୍ୟପକ୍ଷରେ, ପ୍ରଶାସନ ପକ୍ଷରୁ ଚିମନି ଭାଟିଗୁଡ଼ିକୁ ବାର୍ଷିକ ଲିଜ ସୂତ୍ରରେ ଲାଇସେନ୍ସ ପ୍ରଦାନ କରାଯାଉଥିବା ବେଳେ ସାଧାରଣ ଇଟାଭାଟି ପାଇଁ କୌଣସି ସୁବିଧା ନାହିଁ । କେବଳ ରୟାଲଟି ଓ ଫାଇନ ଆଦାୟ ବ୍ୟବସ୍ଥାରେ ପୋଡ଼ା ଚାଲିଛି ଶହ ଶହ ଇଟାଭାଟି । ଏହି ବ୍ୟବସ୍ଥା ପୁଣି କେତେକ ହାତଗଣତି ମାଲିକଙ୍କ କ୍ଷେତ୍ରରେ ଲାଗୁ ହୋଇଛି । ଅନେକ ଇଟା ମାଫିଆମାନେ ଲକ୍ଷ ଲକ୍ଷ ଇଟା ବେଆଇନ ଭାବେ ପୋଡ଼ି ଚାଲିଥିଲେ ମଧ କିଛି ପ୍ରଶାସନିକ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ତାହା ସରକାରୀ ରେକର୍ଡଭୁକ୍ତ ହେଉ ନଥିବା ଅଭିଯୋଗ ହେଉଛି । ଯାହାଫଳରେ କିଛି ପ୍ରଶାସନିକ ଅଧିକାରୀ ଓ ଇଟା ମାଫିଆ ଏହି ବ୍ୟବସ୍ଥାକୁ ଅପଣାଇ ମାଲେମାଲ ହେଉଥିବାର ଚର୍ଚ୍ଚା ହେଉଛି ।

ଗ୍ରାମାଞ୍ଚଳରେ ବିଭିନ୍ନ ସରକାରୀ ଯୋଜନାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟ ପାଇଁ ଏସବୁ ଇଟାକୁ ଯୋଗାଇ ମାଫିଆମାନେ ଲାଭାନ୍ୱିତ ହେଉଥିବା ମଧ ଅଭିଯୋଗ ହେଉଛି । ଜନବସତି ମଧ୍ୟରେ ଇଟାଭାଟି ପୋଡ଼ି ଚାଲିଛନ୍ତି ଏବଂ ଚଢାଦରରେ ଇଟାଗୁଡ଼ିକୁ ବିକ୍ରି କରୁଛନ୍ତି । ପ୍ରଶାସନ ଜରିମାନା ଆଦାୟରେ କାର୍ଯ୍ୟାନୁଷ୍ଠାନକୁ ସୀମିତ ନରଖି ଇଟାଭାଟିଗୁଡ଼ିକର ବେଆଇନ ପରିଚାଳନା ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି ।

**ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି**

## ଲଗାତାର ଅନୁପସ୍ଥିତ ରହୁଛନ୍ତି ଅଧିକାରୀ



**ଭଣ୍ଡାରିପୋଖରୀ/ବାରିକପୁର/ମଞ୍ଜୁରୀ ରୋଡ, ୧୭।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ ବିଭିନ୍ନ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ଗ୍ରାହକ ସେବାକେନ୍ଦ୍ର ପରିଚାଳକଙ୍କ ରାସନ କାର୍ଡ କଟିଥିବା ଯୋଗୁଁ ସେମାନେ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ କରି ବ୍ଲକ ଅଞ୍ଚଳରେ ପାଇପ ଯୋଗେ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ଶିବିରରେ ଅଭିଯୋଗ ହୋଇଥିଲା । ଏନେଇ ଜିଲ୍ଲାପାଳ ଯଥାଶୀଘ୍ର ଘରୋଇ କମ୍ପାନୀ ଦ୍ୱାରା କାମ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଘରୋଇ ଫାଇନାନ୍ସ କମ୍ପାନୀ ଦ୍ୱାରା ଶୋଷଣ ହୋଇଥିବା କୁଲଣାର ଜଣେ ବ୍ୟକ୍ତିଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଭଦ୍ରକ ଟାଉନ ପୁଲିସକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ ଅଭିଯୋଗକୁ ଛାଡିଦେଲେ ରାସ୍ତା, ଭତ୍ତା, ରାସନକାର୍ଡ, ଶିକ୍ଷା ଓ ଚିକିତ୍ସା ବାବଦରେ ଆର୍‌ଥିକ ସହାୟତା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସର୍ବମୋଟ ୧୦୧ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର କେତେଗୋଟି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗର ସମାଧାନ ପାଇଁ ଜିଲ୍ଲାପାଳ ତ୍ୱରିତ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମାଞ୍ଚଳରୁ ଆସୁଥିବା ଆପତ୍ତି ଅଭିଯୋଗଗୁଡିକର ସ୍ୱଳ୍ପ ଦିନ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ, ଲଗାତାର ଭାବେ ଜଙ୍ଗଲ, ଅବକାରୀ, ଖଣି, କାଡା, ନିର୍ମାଣ, ଜିଲ୍ଲା ସମବାୟ ଅଧିକାରୀ ଓ ଯାଜପୁର ଜଳସମ୍ପଦ ବିଭାଗ ଅଧିକାରୀମାନେ ଅନୁପସ୍ଥିତ ରହୁଥିବାରୁ ଆପତ୍ତି ଅଭିଯୋଗଗୁଡିକର ଶୁଣାଣି ହୋଇପାରୁନାହିଁ । ଏନେଇ ଶିବିରରେ ଉଦବେଗ ପ୍ରକାଶ ପାଇଥିଲା । ଶିବିରରେ ଭଦ୍ରକ ଏସ୍‌ପି ମଡକର ସମ୍ବିଦ ସମ୍ପତ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ, ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାଛଡ଼ା ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଏଥିରେ ଯୋଗ ଦେଇଥିଲେ ।

**ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଅନିୟମିତତା**

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ବନ୍ତ/ଆଗରପଡ଼ା, ୧୭।୨(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ୨୦୧୬-୧୭ ଆର୍‌ଥିକ ବର୍ଷରେ ଅନୁମୋଦିତ ହୋଇଥିବା ଅଙ୍ଗନବାଡ଼ିର ନିର୍ମାଣ କାର୍ଯ୍ୟ ଚାଲିଛି । ଏମଜିଏନଆରଜିଏସ ଯୋଜନାରେ ୮ଲକ୍ଷ, ଡବ୍ଲ୍ୟଏଣ୍ଡସିଡିରେ ୨ଲକ୍ଷ ଓ ଏସଏଫସିସିଜିପିରେ ୨ ଲକ୍ଷ ଏହିପରି ଭାବରେ ଉକ୍ତ ୩ଟି ଯୋଜନାରେ ୧୨ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୃହ ନିର୍ମାଣ ଚାଲିଛି । ଯେଉଁ ଜାଗାରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲିଛି ବନ୍ତ ତହସିଲ ପକ୍ଷରୁ ସେହି ଜାଗାକୁ ଅନୁମତି ଦିଆଯାଇ ନଥିବା ଅଭିଯୋଗରୁ ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଡ଼ିସେମ୍ବର ୧୧ ତାରିଖରେ ଶ୍ରୀରାମପୁର ଗ୍ରାମର ବାସିନ୍ଦା ଅଙ୍ଗନବାଡ଼ି ଗୃହ ନିର୍ମାଣରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରୁଥିବା ନେଇ ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ । ବହୁ ବର୍ଷ ଧରି ଶ୍ରୀରାମପୁର ଗ୍ରାମରେ କୌଣସି ଅଙ୍ଗନବାଡ଼ି ଗୃହ ନଥିଲା କିନ୍ତୁ ବିଭାଗୀୟ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଓ କନିଷ୍ଠଯନ୍ତ୍ରୀଙ୍କ ମିଳିତ ଉଦ୍ୟମରେ ୨୦୧୬-୧୭ ଆର୍ଥିକ ବର୍ଷରେ ଶ୍ରୀରାମପୁର ସ୍କୁଲ ପାଖକୁ ଲାଗିଥିବା ସରକାରୀ ଖାତା ନଂ ୧୭୧, ପ୍ଲଟ ନଂ ୨୩୧(ବସ୍ତି ଯୋଗ୍ୟ) ଜମିରେ ଗୃହ ନିର୍ମାଣ ନିମନ୍ତେ ଚୟନ କରାଯାଇଥିଲା । ରାଜସ୍ୱ ନିରୀକ୍ଷକଙ୍କ ଟ୍ରେସ ପେପରକୁ ଆଧାରକରି ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଗୃହ ନିର୍ମାଣ ନିମନ୍ତେ ଚୟନ କରାଯାଇଥିବା ଜାଗାକୁ ଧାର୍ଯ୍ୟ କରିଥିଲେ । କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଶେଷ ଉକ୍ତ ପ୍ରକଳ୍ପକୁ ଗୋଚର କିସମ ଖାତା ନଂ ୧୭୧ ଓ ପ୍ଲଟ ନଂ ୮ରେ କରିବାକୁ ମସୁଧା କରିବା ଜାଣିବା ପରେ ଉକ୍ତ ଜାଗା ଗୋଚର ହୋଇଥିବା ବେଳେ ନଦୀ କୂଳରେ ଥିବାରୁ ଗାଇଗୋରୁ ଓ ଛେଳି ଆଦି ଚରିବା ନିମନ୍ତେ ପ୍ରଶସ୍ତ ଥିବା ବେଳେ ଓ ପିଲାଙ୍କ ପାଇଁ ବିପଦ ସୃଷ୍ଟି କରିବା ସମ୍ଭାବନା ଥିବାରୁ ଏହାକୁ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ସ୍ଥାନରେ କରାଇବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ । ଅଭିଯୋଗକୁ ୨ ମାସ ବିତିଯିବା ପରେ ମଧ ବିଡିଓ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ବର୍ତ୍ତମାନ ଉକ୍ତ ପ୍ରକଳ୍ପ ନିର୍ଦ୍ଧାରିତ ଜାଗାରେ ନିର୍ମାଣ ହେବା ପରିବର୍ତ୍ତେ ଅନ୍ୟ ଜାଗା (ଗୋଚର କିସମ ଖାତା ନଂ୧୭୧ ଓ ପ୍ଲଟ ନଂ ୮)ରେ ନିର୍ମିତ ହେଉଛି । ୨୦୧୬-୧୭ ଆର୍‌ଥିକ ବର୍ଷର ଯୋଜନା ସେତେବେଳର ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜର ଦେଇଥିବା ଫିଜିବିଲିଟି ରିପୋର୍ଟ ଉପରେ ପ୍ରକଳ୍ପ ନିର୍ମାଣ ନକରି କେଉଁ କାରଣରୁ ଏବଂ କାହା ଅନୁମତିରେ ଏହା ଅନ୍ୟତ୍ର କରାଗଲା ତାହା ତଦନ୍ତ ପରିସରଭୁକ୍ତ । ଉକ୍ତ ଯୋଜନା ବାବଦରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ରାଜସ୍ୱ ନିରୀକ୍ଷକ ଉକ୍ତ ଜାଗାକୁ ଉପଯୁକ୍ତ ଦର୍ଶାଇବା ସହ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅନୁମତି ଦେଇଥିବା ପ୍ରକାଶ କରିଥିଲେ । ରାଜସ୍ୱ ନିରୀକ୍ଷକ ପୂର୍ବ ରିପୋର୍ଟକୁ କାହିଁକି ଓ କାହା ଅନୁମତିରେ ନାକଜ କରି ନୂତନ ଜାଗାକୁ ଅନୁମତି ଦେଲେ ତାହା ପୁଣି କେଉଁ ନିୟମ ଆଧାରରେ ତାହା ତାଙ୍କ କାର୍ଯ୍ୟପଦ୍ଧା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିବା ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ସେ ସଂପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣିବେ ବୋଲି ଚର୍ଚ୍ଚା ହେଉଛି । ବନ୍ତ ବ୍ଲକରେ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ହେଉଥିବାରୁ ଅଞ୍ଚଳର ବିକାଶରେ ବାଧା ସୃଷ୍ଟି ହେଉଥିବା ଜଣାପଡ଼ିଛି । କିଛିଦିନ ତଳେ ବିଟିପୁର ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣରେ ଜାଗା ନିର୍ଦ୍ଧାରଣକୁ ନେଇ ଏହିପରି ସମସ୍ୟା ଉପୁଡ଼ିଥିଲା । ଯାହାର ବର୍ତ୍ତମାନ ତଦନ୍ତ ଚାଲିଛି । ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହିପରି ଅନିୟମିତତା ଉପରେ ବ୍ଲକ୍ ପ୍ରଶାସନ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।



**ଖାତା ଓ ପ୍ଲଟ ନମ୍ବରରେ ଚକ୍ରାନ୍ତ**

**ମା' ବାସନ୍ତୀ ଦୁର୍ଗା କ୍ରିକେଟ**

## ଫାଇନାଲରେ ଆଦର୍ଶ କ୍ଲବ୍ ବାଲେଶ୍ୱର ବିଜୟୀ

**ଦୋବଲ, ୧୭ ।୨(ସମିସ):** ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ପଡିଆରେ ଜନଶକ୍ତି ଯୁବକ ସଂଘ ଆନୁକୂଲ୍ୟରେ ମା' ବାସନ୍ତୀ ଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ କ୍ଲବ ବାଲେଶ୍ୱର ଓ ଡିଆରକେ ବାରିପଦା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ଆଦର୍ଶ କ୍ଲବ୍ ବାଲେଶ୍ୱର ଟସ୍ ଜିତି ଫିଲ୍ଡିଂ କରିଥିଲା । ଡିଆରକେ ବାରିପଦା ବ୍ୟାଟିଙ୍ଗ କରି ୧୮.୩ ଉଭରରେ ସମସ୍ତ ଉଇକେଟ ହରାଇ ୧୫୩ ରନ୍ କରିଥିଲା । ଜବାବରେ ଆଦର୍ଶ କ୍ଲବ ବାଲେଶ୍ୱର ୧୮.୧ ଉଭରରେ ୬ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା । ଶୁଭାଶିଷ ତ୍ରିପାଠୀ ଓ ଉତ୍ତମ ମହାନ୍ତି ଅମ୍ପାୟାର ରହିଥିଲା ବେଳେ ଚିତ୍ତରଂଜନ ପଣ୍ଡା ଓ ସୂର୍ଯ୍ୟକାନ୍ତ ଘଡାଇ ସ୍କୋରର ଥିଲେ । ବିବେକାନନ୍ଦ ମିଶ୍ର, ସୁଶାନ୍ତ ଦାସ ଓ ରାଧାଶ୍ୟାମ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ । ମେନ ଅଫ ଦି ମ୍ୟାଚ ବାଲେଶ୍ୱରର ଅନୁରାଗ କାହୁଁଜିଆ ହୋଇଥିବା ବେଳେ ବାରିବଦା ଟିମର ମେରି ଲୋକନାଥ ମେନ ଅଫ ଦି ସିରିଜ୍ ଟ୍ରଫି ହାତେଇଥିଲେ । ଫାଇନାଲ୍ ମ୍ୟାଚରେ ମୁଖ୍ୟଅତିଥି ଭାବେ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଚିନ୍ତାମଣି ଜେନା, ଓଡିଶା ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ସୁଶାନ୍ତ ଦାସ, ସମାଜସେବୀ ପ୍ରଦୀପ ମଲ୍ଲିକ ଯୋଗ ଦେଇଥିଲେ । ବିରଞ୍ଚି ନାରାୟଣ ରାଉତ, ପ୍ରିୟବ୍ରତ ଘଡାଇ, ବିଶ୍ୱଜିତ ରାଉତ, ସୋମନାଥ ପ୍ରଧାନ ଓ କମିଟି ସଦସ୍ୟ ସହଯୋଗ କରିଥିଲେ ।




**ଅଦାନୀ ଫାଉଣ୍ଡେସନ୍‌ର ସହଯୋଗ**

## ନାରାୟଣଙ୍କ ସଫଳତା ଓ ପ୍ରତିବଦ୍ଧତା ଯୁବପିଢ଼ି ପାଇଁ ଉଦାହରଣ

ଭଦ୍ରକ, ୧୭।୨(ସମିସ)

ସଫଳ ହେବା ପାଇଁ ଶାରୀରିକ ଅକ୍ଷମତା କୌଣସି ପ୍ରକାରରେ ଏକ ଦୁର୍ବଳତା ନୁହେଁ ବୋଲି ପ୍ରମାଣ କରିଛନ୍ତି ଭଦ୍ରକ ଜିଲ୍ଲା ବାଂଶଡା ବ୍ଲକ ବିଜୟପାଟଣା ଗ୍ରାମର ଭିନ୍ନକ୍ଷମ ଚାଷୀ ନାରାୟଣ ଦାସ । ସ୍ଥାନୀୟ ବନଦୁର୍ଗା କ୍ଲବର ସଦସ୍ୟ ନାରାୟଣ ଦାସ ନିଜର ୫୦ ଡେସିମିଲ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଏହାକୁ ଏକ ସମୃଦ୍ଧ କୃଷି ଉଦ୍ୟୋଗରେ ପରିଣତ କରିବାରେ ସଫଳ ହୋଇଛନ୍ତି । ତାଙ୍କର ଦୃଢ ମନୋବଳକୁ ସମ୍ମାନ ଦେଇ ଅଦାନୀ ଫାଉଣ୍ଡେସନ ବଢାଇଥିଲା ସହଯୋଗର ହାତ । ତାଙ୍କ ବିବିଧ କୃଷି ପଦ୍ଧତି, ଉଦ୍ୟାନ କୃଷି ଏବଂ ପ୍ରାକୃତିକ ସମ୍ବଳର ବ୍ୟବହାର ତାଙ୍କୁ ଗୋଷ୍ଠୀ ସ୍ତରରେ ଏକ ଆଦର୍ଶ ଚାଷୀ କରିଛି । କୃଷି ପ୍ରତି ତାଙ୍କର ପ୍ରତିବଦ୍ଧତା ମାଧ୍ୟମରେ, ସେ ତାଙ୍କ ପରିବାର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଚାଷ କରିବା ପାଇଁ ପ୍ରେରଣା ମଧ ଦିଅନ୍ତି । ଦୃଢ଼ ନିଷ୍ପତ୍ତି ଏବଂ ସଠିକ ସମର୍ଥନ ମିଳିଲେ କୌଣସି ପ୍ରତିବନ୍ଧକ ବଡ଼ ନୁହେଁ ବୋଲି ବିଶ୍ୱାସ କରନ୍ତି ନାରାୟଣ ଦାସ । ଏକ ସକାରାତ୍ମକ ମାନସିକତା, କୌଶଳଗତ ଯୋଜନା ଓ ଦକ୍ଷତାର ସହ ସେ ତାଙ୍କ ଚାଷ ପରିଚାଳନା କରିଥାନ୍ତି । ଫୁଲକୋବି, ଆଳୁ, ପିଆଜ, ବିଲାତି ବାଇଗଣ, ଲଙ୍କା, କାକୁଡ଼ି ସମେତ ବ୍ରୋକୋଲି ଭଳି ଦାମୀ ପନିପରିବା ଚାଷ କରିପାରିଛନ୍ତି । ଉଦ୍ୟାନଭିତ୍ତିକ କୃଷି ତାଙ୍କ ଆୟକୁ ବୃଦ୍ଧି କରିଥିବା ବେଳେ ବର୍ଷସାରା ଉତ୍ପାଦନକୁ ସୁନିଶ୍ଚିତ ମଧ କରିଛି । ତାଙ୍କ ଏହି ଉତ୍ସର୍ଗକୁ ନଜରରେ ରଖି, ଆଦାନୀ ଫାଉଣ୍ଡେସନ ପକ୍ଷରୁ ବୈଷୟିକ ସହାୟତା, ତାଲିମ ଏବଂ କ୍ଷେତ୍ରସ୍ତରୀୟ ମାର୍ଗଦର୍ଶନ ପ୍ରଦାନ କରାଯାଇଛି । ବିଭିନ୍ନ ପ୍ରକାର ଫସଲ ଯୋଜନା ଏବଂ ତଦାରଖରେ ସକ୍ରିୟ ଅଂଶଗ୍ରହଣ କରି, ନିୟମିତ ଭାବରେ ଫାଉଣ୍ଡେସନର କ୍ଷେତ୍ର କର୍ମଚାରୀଙ୍କ ସହିତ ପରାମର୍ଶ କରି ତୁରନ୍ତ କାର୍ଯ୍ୟକାରୀ କରନ୍ତି । ଅଦାନୀ ଫାଉଣ୍ଡେସନ ଫସଲ ଯୋଜନା ଓ ତଦାରଖ ସହାୟତା ପ୍ରଦାନ କରି ନାରାୟଣ ଦାସଙ୍କୁ ବଳିଷ୍ଠ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କ୍ଷେତ୍ର କାର୍ମଚାରୀଙ୍କ ନିୟମିତ ମାର୍ଗଦର୍ଶନ ତାଙ୍କୁ ଫସଲ ଚୟନ, ବିହନ ସମୟସୂଚୀ ଏବଂ ବଜାର ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଛନ୍ତି । ସମନ୍ୱିତ କୃଷି, ଜଳ ପରିଚାଳନା ଏବଂ ଜୈବିକ କୀଟନାଶକର ପ୍ରୟୋଗ ସମ୍ବନ୍ଧରେ ତାଲିମ ପ୍ରାପ୍ତ କରିଥିଲେ, ଯାହା ଫସଲ ଉତ୍ପାଦନ ବୃଦ୍ଧି କରିଥିଲା । ଆଦାନୀ ଫାଉଣ୍ଡେସନ ସହାୟତାରେ, ସେ ଉଚ୍ଚମାନର ପନିପରିବା ବିହନ ଏବଂ ସାର ପାଇଥିଲେ । ନାରାୟଣଙ୍କୁ ସ୍ଥାୟୀ କୃଷି କୌଶଳ ସହିତ ପରିଚିତ କରାଯାଇଥିଲା ଯାହା ତାଙ୍କୁ ସର୍ବନିମ୍ନ ସମ୍ବଳ ସହିତ ସର୍ବାଧିକ ଉତ୍ପାଦନ କରିବାରେ ସାହାଯ୍ୟ କରିଥିଲା । ଦୃଢ ନିଷ୍ଠା ଏବଂ ଦକ୍ଷ କୃଷି ପରିଚାଳନା ମାଧ୍ୟମରେ, ନାରାୟଣ ଦାସ ଆତ୍ମନିର୍ଭରଶୀଳତା ହାସଲ କରିବା ସହ ଅନ୍ୟ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ଚାଷ ପ୍ରତି ଆଜିକାଲିର ପିଢ଼ି ମୁହଁ ଫେରାଉଥିବା ବେଳେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଏହାକୁ ଏକ ଲାଭଜନକ ଜୀବିକା ରୂପେ ଗ୍ରହଣ କରି ଜଣେ ସଫଳ ଚାଷୀ ଭାବେ ସମସ୍ତଙ୍କ ପାଇଁ ଅନନ୍ୟ ଉଦାହରଣ ପାଲଟିଛନ୍ତି ନାରାୟଣ ଦାସ ।



